## ସେଲୁନ ଉପରେ କଟକଣା କୋହଳ ଦାବି

ସମ୍ବଲପୁର,(ବ୍ୟୁରୋ): କରୋନା ମୁକାବିଲା ପାଇଁ ସରକାର ନୂଆ କଟକଣା ଜାରି କରିଛନ୍ତି। ଏହି କଟକଣା ମଧ୍ୟରେ ସେଲୁନ ରହିଥିବାରୁ ତୁରନ୍ତ ଏହାକୁ ଖୋଲିବା ପାଇଁ ଅନୁମତି ଦିଆଯାଉ ବୋଲି ଗୁରୁବାର ଏସ୍ଏମ୍‌ସି କମିଶନରଙ୍କ ପାଖରେ ସମ୍ବଲପୁର ଜିଲା ବାରିକ ସମାଜ ସଭାନେତ୍ରୀ ଅନ୍ନପୂର୍ଣ୍ଣା ବାରିକ ଦାବି କରିଛନ୍ତି। ସେ କହିଛନ୍ତି, ଦୀର୍ଘ ୪୫ଦିନ ହେବ ସେଲୁନଗୁଡିକ ବନ୍ଦ ରହିଛି। ଫଳରେ ଏହା ଉପରେ ନିର୍ଭର କରୁଥିବା ପରିବାର ରୋଜଗାର ହରାଇଛନ୍ତି। ଏପରି କି ଖାଇବା, ଘରଭଡା, ପିଲାଙ୍କ ପାଠପଢା ଓ ମେଡିକାଲ ଖର୍ଚ୍ଚ ପାଇଁ ସେମାନଙ୍କ ପାଖରେ ଟଙ୍କା ନାହିଁ। ଏହାର ପୁନଃ ବିଚାର କରାଯାଉ, ନ ହେଲେ ଆଗାମୀ ଦିନରେ ବାରିକମାନେ ଆଇନ ହାତକୁ ନେବେ ବୋଲି ଚେତାବନୀ ଦେଇଛନ୍ତି।

### ସଂକ୍ଷେପରେ

## ଗୋ-ଚାଲାଣ ରୋକିବା ନେଇ ଟାସ୍କଫୋର୍ସ ଗଠନ ଦାବି

ସମ୍ବଲପୁର,୧୭।୬(ବ୍ୟୁରୋ): ଗୋ-ଚାଲାଣ ରୋକିବା ନେଇ ଟାସ୍କଫୋର୍ସ ଗଠନ କରିବାକୁ ସମ୍ବଲପୁର ଜିଲା ବଜରଙ୍ଗ ଦଳ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲା ପ୍ରଶାସନକୁ ଦାବିପତ୍ର ଦିଆଯାଇଛି। ଏଥିରେ ଦର୍ଶାଯାଇଛି, ସମ୍ବଲପୁର ଜିଲା ସମେତ ରାଜ୍ୟରେ ଗୋ-ଚାଲାଣ ବୃଦ୍ଧି ପାଇଛି। ମାଫିଆମାନେ ହତ୍ୟା ଉଦ୍ଦେଶ୍ୟରେ ଗୋରୁ ଚାଲାଣ କରୁଛନ୍ତି। ହିନ୍ଦୁଧର୍ମର ଆରାଧ ଗୋରୁମାନଙ୍କୁ ଟ୍ରକ, କଣ୍ଟେନର, ପିକଅପ୍ ଭ୍ୟାନରେ ବଙ୍ଗଳାଦେଶ, ପଶ୍ଚିମବଙ୍ଗ ଆଦି ସ୍ଥାନକୁ ନିଆଯାଉଛି। ଗୋରକ୍ଷକ ଏହାକୁ ବିରୋଧ କଲେ ସେମାନଙ୍କ ନାମରେ ମିଥ୍ୟା ମାମଲା ରୁଜୁ କରାଯାଉଛି। ତୁରନ୍ତ ସେମାନଙ୍କ ଉପରେ ଲଗାଯାଇଥିବା ମାମଲା ପ୍ରତ୍ୟାହାର କରାଯାଉ। ତସ୍କରି ରୋକିବା ପାଇଁ ପ୍ରତ୍ୟେକ ଜିଲାରେ ସ୍ୱତନ୍ତ୍ର ସ୍କ୍ୱାଡ୍ ଗଠନ ସହ ଗୋଚାଲାଣକାରୀଙ୍କ ନାମରେ ରାଷ୍ଟ୍ରୀୟ ସୁରକ୍ଷା ଆଇନରେ ମାମଲା ରୁଜୁ କରାଯାଉ। ସମ୍ବଲପୁର ଜିଲାରେ ପ୍ରତିଦିନ ଶହ ଶହ ଗୋରୁଙ୍କୁ ହତ୍ୟା କରାଯାଉଛି। ପଶ୍ଚିମ ଓଡ଼ିଶାର ବିଭିନ୍ନ ସ୍ଥାନକୁ ରପ୍ତାନୀ କରାଯାଉଛି। କିଛିଦିନ ପୂର୍ବରୁ ପଶ୍ଚିମବଙ୍ଗକୁ ୨୫ ଶହ ଗୋ ଚମଡା ଚାଲାଣ ହେଉଥିବାବେଳେ ପୋଲିସ ଧରି ମାମଲା ରୁଜୁ କରିଥିଲା। ସହର ଭିତରେ ଚାଲିଥବା ବେଆଇନ କଂସେଇଖାନା ତୁରନ୍ତ ବନ୍ଦ କରିବାକୁ ଦାବି କରିଛନ୍ତି। ଦାବିପତ୍ରରେ ସୁଧୀର ରଞ୍ଜନ ବହିଦାର, ଆଶୁତୋଷ ବେହେରା, ଅଦିତ୍ୟ ପୁରୋହିତଙ୍କ ସ୍ୱାକ୍ଷର ରହିଛି।

## ରକ୍ତଦାନ ଶିବିର

ଧମା,୧୭।୬ (ଡି.ଏନ.ଏ.): ସ୍ଥାନୀୟ ପୋଲିସ ଷ୍ଟେଶନରେ ଗୁରୁବାର ଏକ ରକ୍ତଦାନ ଶିବିର ଆୟୋଜିତ ହୋଇଥିଲା। ମୁଖ୍ୟଅତିଥି ଭାବେ ସମ୍ବଲପୁର ଜିଲା ଅତିରିକ୍ତ ଏସ୍‌ପି ଅମରେଶ ପଣ୍ଡା ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଧମା ଥାନାଧିକାରୀ ରାଜେଶ୍ୱରୀ ଭୋଇଙ୍କ ପରିଚାଳନାରେ ଶିବିରରେ ୮୬ ଜଣ ରକ୍ତଦାତା ସ୍ୱେଚ୍ଛାକୃତ ରକ୍ତଦାନ କରିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ଇନ୍ସପେକ୍ଟର ଯୁଗଳ କିଶୋର ସାଏ, ଏଏସ୍ଆଇ ଶ୍ୟାମ କୁମାର ଭୋଇ ପ୍ରମୁଖ ସହଯୋଗ କରିଥିଲେ।

## ଦୁର୍ଘଟଣାରେ ଶିକ୍ଷକ ଗୁରୁତର

ବଡ଼ଗାଁ,୧୭।୬ (ଡି.ଏନ.ଏ): ସୁନ୍ଦରଗଡ଼ ଜିଲା ବଡ଼ଗାଁ ଥାନା ଅନ୍ତର୍ଗତ ତୁଡାଲଗା ନିକଟ ରଙ୍ଗବତୀ ଡ଼ାବା ପାଖରେ ଗୁରୁବାର ଅପରାହ୍ନରେ ସ୍କୁଟି ଦୁର୍ଘଟଣାଗ୍ରସ୍ତ ହେବାରୁ କୁତ୍ରା ବ୍ଲକ ପୁରକାପାଲି ସେବାଶ୍ରମର ଶିକ୍ଷକ କପିଳ ଖଣ୍ଡା (୫୦) ଗୁରୁତର ଆହତ ହୋଇଛନ୍ତି। ସେ ନିଜ ଗ୍ରାମ ସଦର ଥାନା ଲଙ୍କାହୁଡାକୁ ସ୍କୁଟିରେ ଯାଉଥିଲା ବେଳେ ଦୁର୍ଘଟଣା ଗ୍ରସ୍ତ ହୋଇଥିଲେ । ସୂଚନାପାଇ ୧୦୮ ଆମ୍ବୁଲାନ୍ସରେ ତାଙ୍କୁ ବଡଗାଁ ଡାକ୍ତରଖାନା ଅଣାଯାଇଥିଲା । ସେ ଅଚେତ ଅବସ୍ଥାରେ ଥିବାରୁ କିପରି ଦୁର୍ଘଟଣା ହେଲା ଜଣାପଡି ନାହିଁ। ତାଙ୍କୁ ସୁନ୍ଦରଗଡ ଡାକ୍ତରଖାନା ପଠାଯାଇଛି।

## ସେଲୁନ ଖୋଲିବାକୁ ଅନୁମତି ଦେବା ପାଇଁ ଅନୁରୋଧ



ବଡଗାଁ,୧୭।୬ (ଡି.ଏନ.ଏ): ସୁନ୍ଦରଗଡ ଜିଲା ବଡଗାଁର ବାରିକ ସମାଜର ଲୋକେ ଗୁରୁବାର ମଧ୍ୟାହ୍ନରେ ବୈଠକ କରି ସରକାରଙ୍କ ଠାରେ ସେଲୁନ ଖୋଲିବାକୁ ଅନୁମତି ଦେବା ପାଇଁ ଅନୁରୋଧ କରିଛନ୍ତି। ଏ ସମ୍ପର୍କିତ ପତ୍ର ଜିଲାପାଳ, ବଡ଼ଗାଁ ତହସିଲଦାର ଓ ବିଡିଓଙ୍କୁ ଶୁକ୍ରବାର ପ୍ରଦାନ କରିବେ । ବୈଠକରେ ଉପସ୍ଥିତ ହରେକୃଷ୍ଣ ବାରିକ, ସନ୍ତୋଷ ବାରିକ, ବୁଲୁ ବାରିକ, ଗୋବର୍ଦ୍ଧନ ପଶାଏତ, ଅମିତ ପଶାଏତ, ସୁମିତ ପଶାଏତ, ଅବିନାଶ ପଶାଏତ, ଅନିଲ ପଶାଏତ ପ୍ରମୁଖ ବ୍ୟକ୍ତିମାନେ ବିଭିନ୍ନ ସମସ୍ୟା ଉପରେ ଆଲୋଚନା କରିଥିଲେ। କରୋନା ମହାମାରୀ ଯୋଗୁ ଅନେକ ସମୟରେ ଲକ୍‌ଡାଉନ, ଶଟ୍‌ଡାଉନ ହେବାରୁ ଅର୍ଥ ଉପାର୍ଜନର ରାସ୍ତା ବନ୍ଦ ହୋଇଯାଇଛି। ଆର୍ଥିକ ଅନାଟନ ମଧ୍ୟରେ ପରିବାର ପ୍ରତିପୋଷଣ କଷ୍ଟକର ହେଉଛି। ଧାର, କରଜ ବଢ଼ି ଚାଲିଛି । ଆର୍ଥିକ ସ୍ଥିତି ଆହୁରି ଜଟିଳ ହେବା ପୂର୍ବରୁ ସେଲୁନ ଖୋଲିବାକୁ ଦେଲେ ପିଲାଛୁଆଙ୍କ ମୁହଁରେ ଆହାର ଦେଇପାରିବୁ ବୋଲି ବୈଠକରେ ଉପସ୍ଥିତ ସେଲୁନ ଦୋକାନୀମାନେ କହିଛନ୍ତି। ପ୍ରଶାସନ ଏହା ଉପରେ ବିଚାର କରିବାକୁ ଦାବି ହେଉଛି।

### ଟୋକନ୍ ଅବଧି ଶେଷ

# ଧାନଧରି ବସିଛି ଚାଷୀ

ସମ୍ବଲପୁର,୧୭।୬(ବ୍ୟୁରୋ)

- ବନ୍ଦ ହେଲା ୪୧ କ୍ରୟ କେନ୍ଦ୍ର
- ୧୨ ଲକ୍ଷ ୮୭ ହଜାର କୁଇଣ୍ଟାଲ ଧାନ ସଂଗ୍ରହ

ସମ୍ବଲପୁର ଜିଲାରେ ରବି ଧାନ ଅମଳ ସମୟରେ କାଳବୈଶାଖୀ, ବାତ୍ୟା ୟାସ୍ ଓ କରୋନା କଟକଣା ଯୋଗୁ ଶ୍ରମିକ ସମସ୍ୟା ରହିଥିଲା। ବିଲରେ ପାଣି ଜମି ଫସଲ ନଷ୍ଟ ହେବାକୁ ବସିଥିଲା। ଚାଷୀମାନେ ଭିଜିଲା ଧାନକୁ ବିଭିନ୍ନ ସ୍ଥାନରେ ଶୁଖାଇ ଅମଳ କରିଛନ୍ତି। ଏଭଳି ପ୍ରକ୍ରିୟା ମଧ୍ୟରେ ଟୋକନ୍ ଅବଧି ଶେଷ ହୋଇ ଯାଇଥିବାରୁ ଚାଷୀ ଧାନ ବିକ୍ରି କରିପାରୁ ନାହାନ୍ତି। ଫଳରେ ଚାଷୀଙ୍କ ପାଖରେ ଧାନ ଥିଲେ ମଧ୍ୟ ଟୋକନ୍ ନାହିଁ ବୋଲି ଅଭିଯୋଗ ହୋଇଛି। ୧୫୦ରୁ ଊର୍ଦ୍ଧ୍ୱ ଚାଷୀଙ୍କ ୩୫ ହଜାର କୁଇଣ୍ଟାଲ ପରିମାଣର ଟୋକନ୍ ଲାପ୍‌ସ ହୋଇଯାଇଥିବା ଚାଷୀମାନେ ଅଭିଯୋଗ କରୁଛନ୍ତି। ସେମାନଙ୍କୁ ପୁନଃ ଟୋକନ୍ ଦିଆଯାଉ ବୋଲି ଦାବି କରିଛନ୍ତି।

ମିଳିଥିବା ରିପୋର୍ଟ ଅନୁସାରେ ସଦର ଉପଖଣ୍ଡ ଓ କୁଚିଣ୍ଡା ଉପଖଣ୍ଡରେ ମୋଟ ୪୫ କ୍ରୟ କେନ୍ଦ୍ରରୁ ୪୧ଟି ବନ୍ଦ ହୋଇଯାଇଛି। କେବଳ ଗୋବିନ୍ଦପାଲି, ଚାରପାଲି, କୁକୁଡ଼ାପାଲି, ଗିରିପାଲି କ୍ରୟ କେନ୍ଦ୍ରରେ ଧାନ ସଂଗ୍ରହ ଚାଲିଛି। କ୍ରୟ କେନ୍ଦ୍ରକୁ ଧାନ ବିକ୍ରି ପାଇଁ ନ ଆସିବାରୁ ବନ୍ଦ କରିଦିଆଯାଇଥିଲା। ହେଲେ ଆହୁରି ଧାନ ରହିଥିବାବେଳେ ଟୋକନ୍ ଅଭାବରୁ ଚାଷୀମାନେ କ୍ରୟ କେନ୍ଦ୍ରକୁ ଯାଉ ନ ଥିବା କହିଛନ୍ତି। ଡିଆର୍‌ସିଏସ୍ ଲିଙ୍ଗରାଜ ନାଏକ କହିଛନ୍ତି, ଚାଷୀଙ୍କ ଯାହା ଟୋକନ୍ ଆସିଥିଲା, ସେଥିରେ ଧାନ ସଂଗ୍ରହ ହୋଇଛି। ଏବେ କର୍ଡୋଲା, ବାହାମ ସମବାୟ ସମିତିରେ କେତେଜଣ ଚାଷୀଙ୍କ ବିକ୍ରି ପାଇଁ ଟୋକନ୍ ଅବଧି ରହିଛି। ମାନେଶ୍ୱର ସମବାୟ ସମିତିରେ ରାଜ୍ୟ ବାହାରର ହାତଗଣତି ଚାଷୀ ବାକି ରହିଛନ୍ତି। ଅନ୍ୟପଟେ ଯୋଗାଣ ବିଭାଗ ପକ୍ଷରୁ ମିଳିଥିବା ରିପୋର୍ଟ ଅନୁସାରେ ଜିଲାରେ ୧୪ ଲକ୍ଷ ୧୪ ହଜାର କୁଇଣ୍ଟାଲ ଧାନ ସଂଗ୍ରହ ଧାର୍ଯ୍ୟଲକ୍ଷ୍ୟ ରହିଥିଲା। ଏପର୍ଯ୍ୟନ୍ତ ୧୩ ହଜାର ୯୩ ଜଣ ଚାଷୀଙ୍କ ମୋଟ ୧୨ ଲକ୍ଷ ୮୭ ହଜାର କୁଇଣ୍ଟାଲ ଧାନ ସଂଗ୍ରହ ହୋଇଛି, ଯାହା ୯୦% ବୋଲି ଦର୍ଶାଯାଇଛି। ଜୁନ ୩୦ ତାରିଖ ପର୍ଯ୍ୟନ୍ତ ଧାନବିକ୍ରିସମୟ ଅବଧି ରହିଛି। ଏ ସମ୍ପର୍କରେ ଜିଲା ମୁଖ୍ୟ ଯୋଗାଣ ଅଧିକାରୀ ସୁବୋଧ ମଲ୍ଲିକ କହିଛନ୍ତି, ଚଳିତ ରବିଧାନ ସଂଗ୍ରହରେ ଧାର୍ଯ୍ୟ ଲକ୍ଷ୍ୟ ପୂରଣ ହୋଇପାରିବ ନାହିଁ ବୋଲି ଆଶା କରାଯାଉଛି। ପ୍ରାୟ କ୍ରୟ କେନ୍ଦ୍ର ବନ୍ଦ ହୋଇଗଲାଣି। ଯେଉଁ ଚାଷୀମାନଙ୍କ ଟୋକନ୍ ରହିଛି, ସେମାନେ ବିକ୍ରି କରିପାରିବେ। ଯାହାର ଟୋକନ୍ ଲାପ୍‌ସ ହୋଇଛି, ସେ ନେଇ ସମବାୟ ବିଭାଗକୁ ରିପୋର୍ଟ ମଗାଯାଇଛି। ଉକ୍ତ ରିପୋର୍ଟ ଅନୁସାରେ ସରକାରଙ୍କୁ ଲାପ୍‌ସ ଟୋକନ ପୁନଃ ଦିଆଯାଉ ବୋଲି ଅନୁରୋଧ କରାଯିବ। ଏ ନେଇ ସରକାରୀ ସ୍ତରରେ ଯାହା ନିଷ୍ପତ୍ତି ନେବେ ବୋଲି କହିଥିଲେ। ସୂଚନାଯୋଗ୍ୟ, ଜିଲାର ସଦର ଓ କୁଚିଣ୍ଡା ଉପଖଣ୍ଡରେ ରବି ପାଇଁ ମୋଟ ୧୩ ହଜାର ୫୭୭ ଜଣ ଚାଷୀ ପଞ୍ଜୀକୃତ କରିଥିଲେ। ୩୦ ସମବାୟ ସମିତି ଓ ୧୦ ଏସ୍ଏଚ୍‌ଜି ମହିଳାଙ୍କ ଦ୍ୱାରା ଧାନ ସଂଗ୍ରହ କରାଯାଉଛି। ପଞ୍ଜୀକୃତ ଚାଷୀଙ୍କ ମଧ୍ୟରୁ ୧୩ ହଜାର ୯୩ ଜଣ ଚାଷୀ ଧାନ ବିକ୍ରି କରିସାରିଛନ୍ତି। ଆଉ ୪୮୪ ଜଣ ଚାଷୀ ଧାନ ବିକ୍ରି କରିପାରିନାହାନ୍ତି।



ସମ୍ବଲପୁର ଜିଲାରେ ଅମଳ ହୋଇ ରହିଥିବା ଧାନ।

# ରାସ୍ତା ନିର୍ମାଣକୁ ବିରୋଧ

ଝାରସୁଗୁଡ଼ା ଅଫିସ,୧୭।୬

- ତେଲିବନ୍ଧରୁ ଶୁଖାସୋଢା ରାସ୍ତା ନିର୍ମାଣ ଦାବି
- ଛତିଶଗଡ଼ ସରକାରଙ୍କ ସାହାଯ୍ୟ ଲୋଡିଲେ ଶୁଖାସୋଢା ଗ୍ରାମବାସୀ

ଝାରସୁଗୁଡ଼ା ଜିଲା ଲଖନପୁର ବ୍ଲକ ସୀମାନ୍ତ ୧୯ଖଣ୍ଡ ମୌଜା କଣ୍ଟେଇକେଲାରୁ ସେମିଲିଆ ଦେଇ ଶୁଖାସୋଢାକୁ ଯାଇଥିବା ଆର୍‌ଡି ରାସ୍ତାକୁ ପିଏମ୍‌ଜିଏସ୍‌ୱାଇରେ ପରିଣତ ହେବାକୁ ଯାଉଛି। ଏହି ରାସ୍ତା ଉନ୍ନତୀକରଣକୁ ଶୁଖାସୋଢା ଗ୍ରାମବାସୀ ବିରୋଧ କରୁଛନ୍ତି। ଫଳରେ ରାସ୍ତା କାର୍ଯ୍ୟ ଆରମ୍ଭ ହୋଇପାରୁନାହିଁ। ଏ ନେଇ ଆର୍‌ଡି ଜେଇ ଓ ଠିକାଦାର ଗ୍ରାମରେ ପହଞ୍ଚି ଗ୍ରାମବାସୀଙ୍କ ସହ ଆଲୋଚନା କରିଛନ୍ତି। ହେଲେ ସେମାନେ ଜିଦ୍‌ରେ ଅଟଳ ଥିବାରୁ ଆଲୋଚନାର କୌଣସି ନିଷ୍କର୍ସ ବାହାରି ପାରିନାହିଁ।

ଗ୍ରାମବାସୀଙ୍କ କହିବା ମୁତାବକ ଆର୍‌ଡି ବିଭାଗ ତରଫରୁ ଟେଣ୍ଡର କରାଯାଇ ପ୍ରାୟ ୩କୋଟି ଟଙ୍କା ବ୍ୟୟରେ ୮କି.ମି. ରାସ୍ତାର ଉନ୍ନତୀକରଣ ହେବ। ଏହି ରାସ୍ତାରେ ଶୁଖାସୋଢା ଗ୍ରାମବାସୀ କଣ୍ଟେଇକେଲା ଆସିବାକୁ ହେଲେ ୧୧କି.ମି. ରାସ୍ତା ଅତିକ୍ରମ କରିବାକୁ ପଡୁଛି। ବର୍ଷାଋତୁରେ ମହାନଦୀର ବନ୍ୟାଜଳ ସେମିଲିଆ ଗ୍ରାମ ନିକଟ ରାସ୍ତାରେ ୧୦ଫୁଟ୍ ଉଚ୍ଚରେ ପ୍ରବାହିତ ହୁଏ। ଏଥିଯୋଗୁ ଶୁଖାସୋଢା ଗ୍ରାମ ବାହ୍ୟଜଗତରୁ ବିଚ୍ଛିନ୍ନ ହୋଇଥାଏ। ଏହାକୁ ଦୃଷ୍ଟିରେ ରଖି କଣ୍ଟେଇକେଲାରୁ ତେଲିବନ୍ଧ ଦେଇ ଶୁଖାସୋଢା ଗ୍ରାମକୁ ଯାଇଥିବା ୫କି.ମି. ରାସ୍ତା ଓ ପରେ ଆର୍‌ଡି ରାସ୍ତା ଉନ୍ନତୀକରଣ କରାଯାଉ ବୋଲି ଗ୍ରାମବାସୀ ଦାବି କରିଛନ୍ତି। ଗ୍ରାମବାସୀଙ୍କ ଦାବିକୁ ଜିଲା ପ୍ରଶାସନ ଓ ଆର୍‌ଡି ବିଭାଗ ଅଣଦେଖା କଲେ ସେମାନେ ପଡୋଶୀ ଛତିଶଗଡ ରାଜ୍ୟ ରାୟଗଡ ବିଧାୟକଙ୍କୁ ଭେଟି ଡିପାପଡା ନିକଟରେ ଥିବା ବ୍ରିଜ୍‌କୁ ସଂଯୋଗ କରୁଥିବା ଅଧା କିଲୋମିଟର ରାସ୍ତାର ଉନ୍ନତୀକରଣ ପାଇଁ ଦାବି କରିବେ। ଏହି ରାସ୍ତାରେ ଗ୍ରାମବାସୀ ଛତିଶଗଡ ହୋଇ ପୁଣି ଚାଣ୍ଟିପାଲି ନିକଟ ଲରା ଛକରେ ବାହାରିବେ ବୋଲି କହିଛନ୍ତି। ଏ ନେଇ ଗ୍ରାମବାସୀ ରାୟଗଡ ବିଧାୟକଙ୍କ ସହିତ ବିଚାରବିମର୍ଷ କରୁଥିବା ଗ୍ରାମର ଆନନ୍ଦ ପ୍ରଧାନ କହିଛନ୍ତି। ଏ ନେଇ ଆର୍‌ଡି ଜେଇ ଦେବାନନ୍ଦ ମହନ୍ତ କହିଛନ୍ତି, କଣ୍ଟେଇକେଲା ତେଲିବନ୍ଧ ରାସ୍ତାର ଉନ୍ନତୀକରଣ ପାଇଁ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷଙ୍କ ନିକଟକୁ ବହୁବାର ପ୍ରସ୍ତାବ ଯାଇଛି। ହେଲେ ତାହା ଅନୁମୋଦନ ନ ପାଇ ଫେରିଆସୁଛି। ଜିଲା ଖଣିଜ ପାଣ୍ଠିରୁ ଏହି ରାସ୍ତାର ଉନ୍ନତୀକରଣ ପାଇଁ ପ୍ରୟାସ ଚାଲିଛି।



ଆର୍‌ଡି ରାସ୍ତାକାମ ଆରମ୍ଭ ହେବାକୁ ଯାଉଥିବାବେଳେ ଗ୍ରାମବାସୀ ବିରୋଧ କରୁଛନ୍ତି।

## ଜିଏମ୍‌ୟୁ-କିସ୍ ବିଶ୍ୱବିଦ୍ୟାଳୟ ବୁଝାମଣାପତ୍ର ସ୍ୱାକ୍ଷର

### ଶିକ୍ଷା ଓ ଗବେଷଣାରେ ମାଇଲଖୁଣ୍ଟ ସାଜିବ

ସମ୍ବଲପୁର,୧୭।୬(ବ୍ୟୁରୋ): ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ (ଜିଏମ୍‌ୟୁ) ଓ କିସ୍ ବିଶ୍ୱବିଦ୍ୟାଳୟ ମଧ୍ୟରେ ଗୁରୁବାର ବୁଝାମଣାପତ୍ର ସ୍ୱାକ୍ଷର ହୋଇଛି। ଅମୃତ ବିହାର ପରିସରରେ ଜିଏମ୍‌ୟୁ କୁଳପତି ପ୍ରଫେସର ଏନ୍. ନାଗାରାଜୁ ଓ କିସ୍ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଦିପକ କୁମାର ବେହେରା ବୁଝାମଣାପତ୍ରରେ ସ୍ୱାକ୍ଷର କରିଥିଲେ। ଭର୍ଚୁଆଲରେ କିଟ୍ ଓ କିସ୍ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠାତା ଡ. ଅଚ୍ୟୁତ ସାମନ୍ତ ଯୋଗଦେଇ ଏହା ଓଡ଼ିଶାରେ ଶିକ୍ଷା ଓ ଗବେଷଣା କ୍ଷେତ୍ରରେ ମାଇଲ ଖୁଣ୍ଟ ସୃଷ୍ଟି କରିବ ବୋଲି କହିଥିଲେ। ଜିଏମ୍‌ୟୁ କୁଳସଚିବ ଗିରିଶ ଚନ୍ଦ୍ର ସିଂ, ଉପକୁଳସଚିବ ଡ. ଉମାଚରଣ ପତି, କିସ୍ ବିଶ୍ୱବିଦ୍ୟାଳୟ ଉପକୁଳପତି ପ୍ରଫେସର ପିତବାସ ସାହୁ, କୁଳସଚିବ ଡ. ପ୍ରଶାନ୍ତ କୁମାର ରାଉତରାୟଙ୍କ ସମେତ ଉଭୟ ବିଶ୍ୱବିଦ୍ୟାଳୟ ଅଧ୍ୟାପିକା, ଅଧ୍ୟାପକ, କର୍ମଚାରୀ ଭର୍ଚୁଆଲରେ ସାମିଲ ଥିଲେ। ଏହି ଅବସରରେ ପ୍ରଫେସର ଦିପକ ବେହେରା ୧୧ଶହ ବହି ଓ ୧ ଲକ୍ଷ ଟଙ୍କା ଜିଏମ୍‌ୟୁକୁ ହସ୍ତାନ୍ତର କରିଥିଲେ। ଶେଷରେ ଜିଏମ୍‌ୟୁ ନୃତତ୍ତ୍ୱ ବିଭାଗୀୟ ମୁଖ୍ୟ ଡ. ନିବେଦିତା ନାଥ ଧନ୍ୟବାଦ ଦେଇଥିଲେ।

## ରୋଗୀଙ୍କ ସେବାରେ ହମ୍ ଲୋକାର୍ପିତ

ଝାରସୁଗୁଡ଼ା ଅଫିସ,୧୭।୬: ମହାମାରୀ କରୋନାରେ ଝାରସୁଗୁଡା ଜିଲାରେ ଅଣକୋଭିଡ୍ ରୋଗୀମାନେ ସ୍ୱାସ୍ଥ୍ୟସେବା ପାଇବାକୁ ନେଇ ଅନେକ ସମୟରେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ସେମାନଙ୍କୁ ସ୍ୱାସ୍ଥ୍ୟସେବା ଯୋଗାଇବା ଉଦ୍ଦେଶ୍ୟରେ ବୁଧବାର ହମ୍ ନାମକ ଏକ ସ୍ୱେଚ୍ଛାସେବୀ ଅନୁଷ୍ଠାନ ବସ୍‌ଷ୍ଟାଣ୍ଡ କାର୍ଯ୍ୟାଳୟରେ ଲୋକାର୍ପିତ ହୋଇଛି। ଏହି ଅନୁଷ୍ଠାନରେ ଗୋଶାଳା କମିଟି, କାଳୀବାଡି ଦୁର୍ଗାପୂଜା କମିଟି, ବିବେକାନନ୍ଦ ସେବା ସଂସଦ, ସିଂହବାହିନୀ ଦୁର୍ଗାପୂଜା କମିଟି, ଅଟୋରିକ୍ସା ଆସୋସିଏଶନ୍, ବସ୍ ମାଲିକ ସଂଘ, ଟାଉନ୍ ଦୁର୍ଗାପୂଜା କମିଟି, ମିଶନ ଆଶ୍ରା, ମାତ୍ରୀ ସଂଘ ଜନକଲ୍ୟାଣ ଆଶ୍ରମ, ଇନ୍ଦିରାଦେବୀ ସୁଲତାନିଆ ଟ୍ରଷ୍ଟ ଆଦି ସ୍ୱେଚ୍ଛାସେବୀ ଅନୁଷ୍ଠାନ ସାମିଲ ହୋଇଛି। ଏହି ଅବସରରେ ଏକ ଆମ୍ବୁଲାନ୍ସ, ୯ଟି ଅକ୍ସିଜେନ୍ ସିଲିଣ୍ଡର୍ ଲୋକାର୍ପିତ କରାଯାଇଛି। ଏହାସହିତ ବସ୍‌ମାଲିକ ସଂଘ ଓ ଅଟୋରିକ୍ସା ଆସୋସିଏଶନ୍ ତରଫରୁ ଏକ ସ୍ୱତନ୍ତ୍ର ସ୍ୱାବ୍ ସଂଗ୍ରହ କ୍ୟାମ୍ପ କରାଯାଇଥିଲା । ଏଥିରେ ମୁଖ୍ୟଅତିଥି ଉପଜିଲାପାଳ ତଥା କୋଭିଡ୍ ମାଜିଷ୍ଟ୍ରେଟ୍ ଶିବ ଟପ୍ପୋ, ଏଡିଏମ୍‌ଓ ଡା. ଡୋଲାମଣି ପଟେଲ, ତାପସରାୟ ଚୌଧୁରୀ, ସନ୍ଦିପ ଅଗସ୍ତି, ପବନ ଯାଦବ, ସୁନିଲ ଚକ୍ରବର୍ତ୍ତୀ, ଉଜ୍ଜ୍ୱଳ ଚାଟାର୍ଜୀ, ରାଜେଶ ସିଂହ, ସଞ୍ଜୟ କର ପ୍ରମୁଖ ଯୋଗଦେଇଥିଲେ ।

## ମିଶନ ଶକ୍ତି ଓ ମମତା ଗୃହ ଉଦ୍‌ଘାଟିତ



କୁତ୍ରାରେ ମମତା ଗୃହ ଉଦ୍‌ଘାଟନ କରାଯାଉଛି।

କୁତ୍ରା, ୧୭।୬ (ଡି.ଏନ.ଏ)

ସୁନ୍ଦରଗଡ଼ ଜିଲା କୁତ୍ରା ବସ୍ତିଠାରେ ନବନିର୍ମିତ ମିଶନ ଶକ୍ତି ଓ ମମତା ଗୃହ ଗୁରୁବାର ଉଦ୍‌ଘାଟିତ ହୋଇଯାଇଛି। ୫ ଲକ୍ଷ ଟଙ୍କା ବ୍ୟୟରେ ନବନିର୍ମିତ ହୋଇଥିବା ଏହି ମିଶନ ଶକ୍ତି ଗୃହର ଉଦ୍‌ଘାଟନ କାର୍ଯ୍ୟକ୍ରମରେ କୁତ୍ରା ବିଡିଓ ମାନସରଞ୍ଜନ ରୟ, ସିଡିପିଓ ସୁବାସୀ ମୁଣ୍ଡୁ, ମିଶନ ଶକ୍ତିର ସଦସ୍ୟାସଦସ୍ୟଙ୍କ ଉପସ୍ଥିତିରେ ଏହାକୁ ଉଦ୍‌ଘାଟନ କରିଥିଲେ। ନାରୀମାନଙ୍କୁ ଆତ୍ମନିର୍ଭରଶୀଳ କରିବା ପାଇଁ ମିଶନ ଶକ୍ତି ମାଧ୍ୟମରେ ବହୁବିଧ ତାଲିମ ପ୍ରଦାନ କରାଯାଇ ରୋଜଗାରର ପନ୍ଥା ପ୍ରଦାନ କରାଯାଉଛି। ଏହି ଉଦ୍‌ଘାଟନୀ ଉତ୍ସବରେ ଅନ୍ୟମାନଙ୍କ ମଧ୍ୟରେ କୁତ୍ରାର ସ୍ୱୟଂ ସହାୟକ ଗୋଷ୍ଠୀର ମହିଳାମାନେ ଓ ଅଙ୍ଗନୱାଡ଼ି କର୍ମୀମାନେ ଉପସ୍ଥିତ ଥିଲେ। ଅନ୍ୟପକ୍ଷରେ ଶିଶୁମାନଙ୍କ ଉଦ୍ଦେଶ୍ୟରେ ଆମ୍ବାସଡ଼ିସି ତରଫରୁ ୬ ଲକ୍ଷ ଟଙ୍କା ବ୍ୟୟରେ ଏକ ମମତା ଗୃହ ନିର୍ମାଣ କରାଯାଇ ଉଦ୍‌ଘାଟନ କରାଯାଇଛି। କୁତ୍ରା ବସ୍ତିରେ ଥିବା କୋମଳମତି ଶିଶୁମାନଙ୍କୁ ପୁଷ୍ଟିକର ଖାଦ୍ୟ ଏଠି ପ୍ରଦାନ କରାଯିବା ସହ ସେମାନଙ୍କର ଯତ୍ନ ନିଆଯିବ। ଭବିଷ୍ୟତରେ ଏଠାରେ କୋମଳମତି ଶିଶୁମାନଙ୍କ ପାଇଁ ଏକ ଛୋଟିଆ ପାର୍କ ନିର୍ମାଣ କରାଯିବ ବୋଲି କୁତ୍ରା ବିଡ଼ିଓ ମାନସ ରଞ୍ଜନ ରାୟ ଓ ସିଡିପିଓ ସୁବସି ମୁଣ୍ଡୁ ସୂଚନା ଦେଇଛନ୍ତି।

## ଗାଈ ବୋଝେଇ ପିକଅପ୍ ଜବତ

ବେଦବ୍ୟାସ,୧୭।୬ (ଡି.ଏନ.ଏ)

ବ୍ରାହ୍ମଣୀତରଙ୍ଗ ଥାନା ପୋଲିସ ଗୁରୁବାର ସକାଳେ କଳୁଙ୍ଗା କରତକଳ ଛକରୁ ଗାଈ ବୋଝେଇ ପିକଅପ୍ ଭ୍ୟାନକୁ ଜବତ କରିଛି। ହେଲେ ଗାଡି ଚାଳକ ଓ ଗାଈ ଚାଲାଣକାରୀ ଘଟଣାସ୍ଥଳରୁ ଫେରାର ହୋଇ ଯିବାରେ ସକ୍ଷମ ହୋଇଛନ୍ତି। ଉଦ୍ଧାର ହୋଇଥିବା ଗାଈଗୁଡିକୁ ପୋଲିସ ବେଦବ୍ୟାସ ଗୋଶାଳାକୁ ହସ୍ତାନ୍ତର କରିଛି।

## ତେନ୍ତୁଳି ଗଛ ଉପୁଡ଼ି ଘର ଭାଙ୍ଗିଲା

ବେଦବ୍ୟାସ,୧୭।୬ (ଡି.ଏନ.ଏ)

ବ୍ରାହ୍ମଣୀତରଙ୍ଗ ଥାନା ଅନ୍ତର୍ଗତ କଳୁଙ୍ଗା ଫାଣ୍ଡିର କଳୁଙ୍ଗା ରେଳୱେ କଲୋନୀ ପରିସରରେ ଥିବା ଏକ ତେନ୍ତୁଳି ଗଛ ବୁଧବାର ରାତ୍ର ୨ଟା ବେଳେ ଉପୁଡି ଏକ ଘର ଉପରେ ପଡିଛି। ଘର ଭାଙ୍ଗି ବିଶେଷ କ୍ଷୟକ୍ଷତି ହେବା ସହ ଘରେ ଶୋଇଥିବା ୩ ଜଣ ଆଘାତ ପାଇ ଗୁରୁତର ହୋଇ ରାଉରକେଲା ସରକାରୀ ଡାକ୍ତରଖାନାରେ ଚିକିତ୍ସାଧିନ ଅଛନ୍ତି। ସେମାନେ ହେଲେ ଚମ୍ପନ ଲକ୍ଷ୍ମୀ, ଚମ୍ପନ କଇତ ଓ ଚମ୍ପନ ମାନକୀ।

### ୧୪ ମୋବାଇଲ ଫୋନ୍, ୪ହଜାର ଟଙ୍କା,ବାଇକ୍ ଜବତ

## ୨ ଲୁଟେରା ଗିରଫ

ରାଉରକେଲା ଅଫିସ୍ , ୧୭।୬

ରାଉରକେଲା ସେକ୍ଟର- ୧୯ ଥାନା ପୋଲିସ ଗୁରୁବାର ୨ଜଣ ମୋବାଇଲ ଫୋନ୍ ଲୁଟେରାଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ପୋଲିସ ସେମାନଙ୍କ ନିକଟରୁ ୧୪ଟି ମୋବାଇଲ ଫୋନ୍, ନଗଦ ୪ହଜାର ଟଙ୍କା ଓ ଗୋଟିଏ ବାଇକ୍ ଜବତ କରିଥିବା ନେଇ ଥାନା ପରିସରରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ଅତିରିକ୍ତ ଏସ୍‌ପି ସଂଗ୍ରାମ କେଶରୀ ବେହେରା ସୂଚନା ଦେଇଛନ୍ତି। ଗିରଫ ୨ଜଣ ଲୁଟେରା ହେଲେ ପ୍ଲାଣ୍ଟ ସାଇଟ ଥାନା ଅନ୍ତର୍ଗତ ମଧୁସୂଦନପାଲୀରେ ରହୁଥିବା ବିହାର ଶେଖପୁରା ଜିଲାର ବାରବିଘା ଗ୍ରାମର ସୋନି ମଲ୍ଲକାର (୨୦) ଓ ଛତିଶଗଡ଼ ଜଞ୍ଜଗିର ଚମ୍ପା ଜିଲା ଆକଲଥରା ଥାନା ଇରିଗେସନ କଲୋନୀର ମଧୁସୂଦନପାଲିରେ ରହୁଥିବା କୁନା ଓରଫ ହର୍ଷ କାଥୋର (୨୧)। ରାଉରକେଲା ସହରର ସେକ୍ଟର-୧୯, ସେକ୍ଟର-୧୫, ସେକ୍ଟର -୩ ଓ ଝିରପାଣି ଥାନା ଅଞ୍ଚଳରେ ମୋବାଇଲ ଲୁଟ୍ ନେଇ ଅଭିଯୋଗ ହେବା ପରେ ଏହି ଲୁଟେରାମାନଙ୍କୁ ଗିରଫ କରିବା ପାଇଁ ଏକ ସ୍ୱତନ୍ତ୍ର ସ୍କ୍ୱାଡ୍ ଗଠନ କରାଯାଇଥିଲା। ଅଭିଯୁକ୍ତ ଲୁଟେରାଙ୍କ ନାମରେ ବିଭିନ୍ନ ଥାନାରେ ୬ଟି ମୋବାଇଲ ଫୋନ୍ ଲୁଟ ମାମଲା ରହିଛି।



ଖବରଦାତା ସମ୍ମିଳନୀରେ ପୋଲିସ ଅଧିକାରୀ ସୂଚନା ଦେଉଛନ୍ତି।

## ଗାଡ଼ି ଧକ୍କାରେ ଯୁବକ ମୃତ

କୁଆଁରମୁଣ୍ଡା,୧୭।୬(ଡି.ଏନ.ଏ.): ସୁନ୍ଦରଗଡ଼ ଜିଲା କୁଆଁରମୁଣ୍ଡା ଫାଣ୍ଡି ଅନ୍ତର୍ଗତ ୧୪୩ ନମ୍ବର ଜାତୀୟ ରାଜପଥର ଯମୁନାନାକି ବୁଲାଣି ନିକଟରେ ବୁଧବାର ରାତିରେ ଗାଡ଼ି ଧକ୍କାରେ ବାବୁଲା ବେହେରା(୪୬) ନାମକ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ସେ ଚାଲି ଯାଉଥିବାବେଳେ ତାଙ୍କୁ ଅଜଣା ଗାଡି ଧକ୍କା ଦେବାରୁ ଘଟଣାସ୍ଥଳରେ ମୃତ୍ୟୁ ହୋଇଯାଇଥିଲା। ଏନେଇ ମୃତ ବାବୁଲାଙ୍କ ଝିଅ ଓ ଜ୍ୱାଇଁ ଗୁରୁବାର କୁଆଁରମୁଣ୍ଡା ଫାଣ୍ଡିରେ ଜଣାଇବାରୁ ପୋଲିସ ଘଟଣାସ୍ଥଳକୁ ଯାଇ ଶବ ଜବତ କରିଥିଲା। ବାବୁଲା ରାଉରକେଲା ଛେଣ୍ଡ ଅଞ୍ଚଳର। ଗତକିଛି ଦିନ ହେବ ସେ ବିବାହିତ ଝିଅଙ୍କ ଘର ଯମୁନାନାକି ଝରାବସ୍ତିରେ ରହିଆସୁଥିଲେ।

## ଗୋ ବଂଶ ରକ୍ଷା ଉଦ୍ଦେଶ୍ୟରେ ଦାବିପତ୍ର

କୁତ୍ରା, ୧୭।୬ (ଡି.ଏନ.ଏ)

ସୁନ୍ଦରଗଡ଼ ଜିଲା କୁତ୍ରା ବଜରଙ୍ଗ ଦଳ ପକ୍ଷରୁ ଗୋ ବଂଶ ସୁରକ୍ଷା ପାଇଁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ କୁତ୍ରା ବିଡିଓଙ୍କୁ ୬ଦଫା ଦାବିପତ୍ର ପ୍ରଦାନ କରାଯାଇଛି। ଦାବିଗୁଡିକ ହେଲା ଗୋ ହତ୍ୟା ସମ୍ପୂର୍ଣ୍ଣ ବନ୍ଦ କରିବା ପାଇଁ ଆଇନ ପ୍ରଣୟନ। ଗୋ ରକ୍ଷକଙ୍କ ଉପରେ କରାଯାଉଥିବା ମିଥ୍ୟା କେସକୁ ରଦ୍ଦ କରିବା। ପ୍ରତି ଜିଲାରେ ଗୋ ସଂରକ୍ଷଣ ପାଇଁ ଗୋଶାଳା ନିର୍ମାଣ କରିବା, ଗୋ ଆଧାରିତ ଶିଳ୍ପ ପାଇଁ ଆବଶ୍ୟକ ତାଲିମ ସହ ଆର୍ଥିକ ପ୍ରୋତ୍ସାହନ ପ୍ରଦାନ ପ୍ରଭୃତି ଦାବିଗୁଡିକ ରହିଛି। ଏହି ଦାବିପତ୍ରକୁ କୁତ୍ରା ଏବିଡିଓ ପ୍ରଶାନ୍ତ କୁମାର ଜେନା ଗ୍ରହଣ କରିଥିଲେ। କୁତ୍ରା ବଜରଙ୍ଗ ଦଳର ସଂଯୋଜକ କାହ୍ନୁଚରଣ କରାଲିଙ୍କ ସମେତ ବଜରଙ୍ଗ ଦଳର ସଦସ୍ୟମାନେ ଉପସ୍ଥିତ ଥିଲେ ।



ବିଡିଓଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି।

## ବଳାତ୍କାର ଭିଡିଓ ଭାଇରାଲ କରି ଜେଲ ଗଲେ ଦୁଇ ଯୁବକ

ଦେବଗଡ଼, ୧୭।୬(ଡି.ଏନ୍.ଏ)

ଜଣେ ମହିଳାଙ୍କୁ ବଳାତ୍କାର ସହ ଭିଡିଓ ଉତ୍ତୋଳନ କରି ଭାଇରାଲ କରିବା ଅଭିଯୋଗରେ ବାରକୋଟ ଥାନା ପୋଲିସ ୨ ଯୁବକଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଅଦାଲତରେ ଜାମିନ ନାମଞ୍ଜୁର ହେବାରୁ ସେମାନଙ୍କୁ ଜେଲ ହାଜତକୁ ପଠାଇ ଦିଆଯାଇଛି। ସେମାନେ ହେଲେ ବାରକୋଟ ଥାନା ଅଞ୍ଚଳର ଲକ୍ଷ୍ମଣ ମହନ୍ତଙ୍କ ପୁଅ ଶିବ ମହନ୍ତ (୨୪) ଓ ବମ୍ପରଡ଼ା ଗ୍ରାମର ରବି ମହାକୁଲଙ୍କ ପୁଅ ବିଜୁ ମହାକୁଳ (୨୬)। ପୋଲିସ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ ଗତ ଏପ୍ରିଲ ୩୦ ତାରିଖ ବାରକୋଟ ଥାନା ଅଞ୍ଚଳର ଜଣେ ବିବାହିତା ମହିଳାଙ୍କୁ ଉକ୍ତ ଗ୍ରାମର ଶିବ ନିଜ ସାଙ୍ଗ ବମ୍ପରଡ଼ା ଗ୍ରାମର ବିଜୁ ଏକୁଟିଆ ପାଇ ବଳାତ୍କାର କରିଥିଲେ। ବଳାତ୍କାର ବେଳର ଭିଡିଓ ଉତ୍ତୋଳନ କରିଥିଲେ। ଏଥିସହ ଘଟଣା ସମ୍ପର୍କରେ କାହାରିକୁ କହିଲେ ଭିଡିଓ ଭାଇରାଲ କରିବାର ଧମକ ଦେଇଥିଲେ। ଫଳରେ ମହିଳା ଜଣକ ଲୋକଲଜ୍ଜା ଭୟରେ ଏକଥା କାହାରି ଆଗରେ ପ୍ରକାଶ ନ କରି ଚୁପ ରହିବା ସହ ସୁନ୍ଦରଗଡ଼ ଜିଲାରେ ଥିବା ନିଜ ବାପ ଘରକୁ ଚାଲି ଯାଇଥଲେ। ଅଭିଯୁକ୍ତମାନେ ଫୋନ କରି ଉକ୍ତ ଗ୍ରାମକୁ ନ ଆସିଲେ ଭିଡିଓ ଭାଇରାଲ କରିବାର ଧମକ ଦେଇ ଆସୁଥିଲେ। ତେବେ ମହିଳା ଜଣକ ଏଥିପ୍ରତି ଗୁରୁତ୍ୱ ନ ଦେବାରୁ ଅଭିଯୁକ୍ତମାନେ ମହିଳାଙ୍କ ବଳାତ୍କାର ବେଳର ଭିଡିଓକୁ ହାଟ୍ସଆପ୍‌ରେ ଭାଇରାଲ କରିଥିଲେ। ଏନେଇ ମହିଳା ଜଣକ ଅନ୍ୟ ଜିଲାରେ କାମ କରୁଥିବା ତାଙ୍କ ସ୍ୱାମୀଙ୍କୁ କହିବା ପରେ ପୀଡିତାଙ୍କ ସ୍ୱାମୀ ମଙ୍ଗଳବାର ରାତି ପ୍ରାୟ ୯ଟାରେ ପୀଡିତାଙ୍କ ସହ ବାରକୋଟ ଥାନାରେ ପହଞ୍ଚି ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗ ପାଇ ଦେବଗଡ଼ ଏସଡ଼ିପିଓ ପ୍ରତ୍ୟୁଷ କୁମାର ମହାପାତ୍ର ଏବଂ ବାରକୋଟ ଥାନା ଅଧିକାରୀ କନକ ମାଝିଙ୍କ ନେତୃତ୍ୱରେ ବାରକୋଟ ଥାନା ପୋଲିସ ଅଭିଯୁକ୍ତମାନଙ୍କ ଗତିବିଧି ଆଧାରରେ ଜଣକୁ କେନ୍ଦୁଝର ଜିଲା ବାଂଶପାଣି ଥାନା ଅଞ୍ଚଳ ଓ ଅନ୍ୟ ଜଣଙ୍କୁ ସୁନ୍ଦରଗଡ଼ ଜିଲା ବଣାଇ ଥାନା ଅଞ୍ଚଳରୁ ଗିରଫ କରିଥିଲେ।



ଗିରଫ ଦୁଇ ଅଭିଯୁକ୍ତ।

## ମରଣାନ୍ତକ ଆକ୍ରମଣ, ଜେଲଗଲେ ଅଭିଯୁକ୍ତ

ଦେଓଗାଁ,(ଡି.ଏନ.ଏ.): ଦେଓଗାଁ ଥାନା ସିଲେଟକାନୀର ଗଣନାଥ ମେହେର ପଞ୍ଚାୟତ ଅଫିସରୁ ଚାଉଳ ନେଇ ଫେରୁଥିବା ବେଳେ ବୁଧବାର ଉଗ୍ରସେନ ବଗର୍ତ୍ତା ଏକ ଟାଙ୍ଗିଆରେ ତାଙ୍କୁ ଆକ୍ରମଣ କରିଥିଲେ। ଏହି ଘଟଣାରେ ପୋଲିସ ଗୁରୁବାର ଉଗ୍ରସେନଙ୍କୁ କୋର୍ଟଚାଲାଣ କରିଥିଲା। କୋର୍ଟରେ ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ଜେଲ ହାଜତକୁ ପଠାଇ ଦିଆଯାଇଛି। ୨୦୨୦ଫେବୃୟାରୀ ୫ରେ ସୋନଗଡ ନଦୀପଠାରୁ ଗିରଫ ଉଗ୍ରସେନଙ୍କ ୧୧ବର୍ଷର ପୁଅ ବାବୁଲାଲଙ୍କ କଙ୍କାଳ ପୋଲିସ ଜବତ କରିଥିଲା। ପାରିପାର୍ଶ୍ୱିକ ସ୍ଥିତିରୁ ଏହା ହତ୍ୟାକାଣ୍ଡ ବୋଲି ସନ୍ଦେହ କରିଥିଲା। ୨ବର୍ଷ ବିତିଯାଇଥିଲେ ସୁଦ୍ଧା ସୁରାଗ ନ ମିଳିବାରୁ ଗଣନାଥଙ୍କୁ ଆକ୍ରମଣ କରିଛି ବୋଲି ଉଗ୍ରସେନ ପୋଲିସକୁ ବୟାନ ଦେଇଛି।

# ପୋଷ୍ଟ ଅଫିସ ଘେରିଲେ ଜମାକାରୀ

**ଲୋଇସିଂହା,୧୭।୬(ଡି.ଏନ.ଏ.)**



ଜମାକାରୀ ବାଦିବାହାଲ ଆଞ୍ଚଳିକ ଡାକଘରକୁ ଘେରାଉ କରିଛନ୍ତି।

ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ବାଦିବାହାଲ ଆଞ୍ଚଳିକ ଡାକଘରେ ସୁକନ୍ୟା ଯୋଜନାର ଜମାଖାତାରୁ ଟଙ୍କା ଆତ୍ମସାତ୍ ନେଇ ୧୦ଜଣ ଜମାକାରୀ ବୁଧବାର ସ୍ଥାନୀୟ ସବ୍ ପୋଷ୍ଟ ଅଫିସରେ ଫେରାଦ ହୋଇଥିଲେ। ଏହାପରେ ଗୁରୁବାର ବାଦିବାହାଲ ଗ୍ରାମର ବିଭିନ୍ନ ବର୍ଗର ଉପଭୋକ୍ତାମାନେ ଲୋଇସିଂହା ସବ୍‌ପୋଷ୍ଟ ଅଫିସରେ ଲମ୍ବାଲାଇନ ଲଗାଇ ସେମାନଙ୍କ ଖାତା ଅପଡେଟ କରାଇଥିଲେ। ଖାତା ଅପଡେଟ ପରେ କେବଳ ସୁକନ୍ୟା ଯୋଜନା ନୁହେଁ, ସେଭିଂ, ଅରପିଏଲଆଇ, ପିଏଲଆଇ, ଆରଡି ଓ ଟିଡି ପ୍ରଭୃତି ଜମା ଖାତାରୁ ଲକ୍ଷାଧିକ ଟଙ୍କା ଆତ୍ମସାତ ହୋଇଥିବା ଜଣାପଡିଥିଲା । ବାଦିବାହାଲ ଗ୍ରାମର ଦୁଇ ଦିବ୍ୟାଙ୍ଗ ଭଉଣୀଙ୍କ ସେଭିଂ ଜମାଖାତାରୁ ପ୍ରାୟ ୯୦ହଜାର ଟଙ୍କା ଆତ୍ମସାତ ହୋଇଥିବା ଜଣାପଡିବା ପରେ ଉପଭୋକ୍ତା ମହଲରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଥିଲା। ଉତ୍ତେଜିତ ଲୋକେ ପୂର୍ବାହ୍ନ ୧୧ଟାରେ ବାଦିବାହାଲ ପଞ୍ଚାୟତ ପରିସରରେ ଥିବା ଡାକଘରେ ପହଞ୍ଚି ପୋଷ୍ଟ ମାଷ୍ଟର ମାଧବାନନ୍ଦ ବାରିକଙ୍କୁ ଦୀର୍ଘ ସମୟ ଧରି ଘେରାଉ କରିଥିଲେ। ଖବର ପାଇ ଅପରାହ୍ନ ୩ଟାରେ ଲୋଇସିଂହା ପୋଲିସ ଘଟଣାସ୍ଥଳରେ ପହଞ୍ଚିଥିଲା । ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରି ପୋଷ୍ଟ ମାଷ୍ଟର ବାରିକଙ୍କୁ ଉଦ୍ଧାର କରି ଲୋଇସିଂହା ଥାନାକୁ ନେଇଥିଲା ପୋଲିସ। ଏବେ ତାଙ୍କୁ ଜମାଖାତାରୁ ଟଙ୍କା ଆତ୍ମସାତ୍ ସମ୍ପର୍କରେ ପୋଲିସ ପଚରାଉଚରା କରୁଛି। ପ୍ରାୟ ଦେଢକୋଟି ଟଙ୍କା ବିଭିନ୍ନ ଜମାଖାତାରୁ ଉଠି ଯାଇଥିବା ଉପଭୋକ୍ତାମାନେ ଅଭିଯୋଗ କରିଛନ୍ତି। ଅପରପକ୍ଷେ ପୋଷ୍ଟ ଅଫିସରେ ପୋଲିସ ଉପସ୍ଥିତି ସମୟରେ ପୋଷ୍ଟ ମାଷ୍ଟରଙ୍କ ଜନୈକ ସମ୍ପର୍କୀୟ ଡାକଘରର ଗୁରୁତ୍ୱପୂର୍ଣ୍ଣ କାଗଜ ପତ୍ର ଏକ ବ୍ୟାଗରେ ନେଇ ପଳାଇ ଯାଇଥିବା ଅଭିଯୋଗ ହୋଇଛି। ଅପରାହ୍ନରେ ଉପଭୋକ୍ତାମାନେ ବଲାଙ୍ଗୀର ମୁଖ୍ୟ ଡାକପାଳଙ୍କ ନିକଟରେ ଏ ନେଇ ଅଭିଯୋଗ କରିଛନ୍ତି। ଉପଭୋକ୍ତାଙ୍କ ଲିଖିତ ଅଭିଯୋଗ ଅନୁଯାୟୀ ଉପରିସ୍ଥ ଅଧିକାରୀଙ୍କୁ ଘଟଣା ସମ୍ପର୍କରେ ଜଣାଇ ଦିଆଯିବ ବୋଲି କହିଛନ୍ତି ସବ୍‌ପୋଷ୍ଟମାଷ୍ଟର ସତ୍ୟବାନ ବିଷ୍ଣାଣୀ। ପୋଷ୍ଟାଲ ଓଭରସିୟରମାନେ ପ୍ରତି ୩ ମାସ ଓ ଇନ୍ସପେକ୍ଟର ବର୍ଷକୁ ଥରେ ଡାକ ଘରକୁ ଯାଇ ଯାଞ୍ଚ କରିବାର ନିୟମ ରହିଛି। ହେଲେ ଏଠାରେ ତାହା ହେଉ ନ ଥିବାରୁ ପୋଷ୍ଟ ଅଫିସଗୁଡିକରେ ଅନିୟମିତତା ବଢି ଚାଲିଛି । ଦୁଇବର୍ଷ ପୂର୍ବରୁ ବ୍ଲକ ଅଧୀନ କନ୍ଦାଜୁରୀ ପୋଷ୍ଟ ଅଫିସର ଏହିପରି ଅନିୟମିତତା ଅଭିଯୋଗ ଆସିଥିଲା ।

**ସୁକନ୍ୟା ଯୋଜନା ଜମା ଖାତା ଟଙ୍କା ଆତ୍ମସାତ୍ ଘଟଣା**

- ପୋଷ୍ଟ ମାଷ୍ଟରଙ୍କୁ ୫ଘଣ୍ଟା କାଳ ଘେରିଲେ ଜମାକାରୀ
- ପୋଲିସ ଉଦ୍ଧାର କରି ଥାନାକୁ ନେଲା
- ଅନ୍ୟ ଯୋଜନା ଜମାକାରୀଙ୍କ ଖାତାରୁ ବି ଟଙ୍କା ଗାଏବ

## ଅର୍ବାନ ପିଏଚ୍‌ସି ବୁଲି ଦେଖିଲେ ବିଧାୟକ

**ବଲାଙ୍ଗୀର ଅଫିସ, ୧୭।୬**

ବିଧାୟକ ନରସିଂହ ମିଶ୍ର ଗୁରୁବାର ବଲାଙ୍ଗୀର ସହର ଶାସ୍ତ୍ରୀନଗର ଓ କନ୍ଧପାଲିପଡାଠାରେ ଥିବା ଦୁଇ ସହରାଞ୍ଚଳ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର (ଅର୍ବାନ ପିଏଚ୍‌ସି) ବୁଲି ଦେଖିଥିଲେ। ଏହା ସହ ସହର ବିପର୍ଯ୍ୟସ୍ତ ହୋଇଯାଇଥିବା ବିଭିନ୍ନ ପଡା ରାସ୍ତାଘାଟ, ନାଳ ନର୍ଦ୍ଦମା ବୁଲି ଦେଖିଥିଲେ । ସହରରେ ନୂଆଁ ତିଆରି ହୋଇଥିବା ରାସ୍ତାଗୁଡିକର ମାନ ପରୀକ୍ଷା କରିଥିଲେ। ପ୍ରଥମେ ଶାସ୍ତ୍ରୀନଗର ଠାରେ ପିସ୍ ୟୁନିସନ ଦ୍ୱାରା ପରିଚାଳିତ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଯାଇଥିଲେ। ସେତେବେଳେ ସେଠାରେ କୌଣସି ଡାକ୍ତର ନଥିବା ଦେଖିଥିଲେ। ସେଠାରେ ଥିବା ସତ୍ତ୍ୱାଧାରକଙ୍କଠୁ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରର ସମସ୍ତ ବିବରଣୀ, ଦୈନନ୍ଦିନ କାର୍ଯ୍ୟଧାରା, ଡାକ୍ତରମାନଙ୍କ ଉପସ୍ଥିତି, ରୋଗୀ ସଂଖ୍ୟା ତଥ୍ୟ ପଚାରି ବୁଝିଥିଲେ। ବର୍ହିବିଭାଗ ରେଜିଷ୍ଟର ଦେଖିଥିଲେ। ପରେ ରାଜେନ୍ଦ୍ର ଯୁବକ ସଂଘ ଦ୍ୱାରା ପରିଚାଳିତ କନ୍ଧପାଲିପଡା ସହରାଞ୍ଚଳ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଯାଇଥିଲେ। ସେଠାରେ ତାଲା ପଡିଥିବା ଦେଖିବାକୁ ମିଳିଥିଲା। ବର୍ଷାଦିନ ଆସିଯାଇଥିବାରୁ ସହରର ବିଭିନ୍ନ ଅଞ୍ଚଳରେ ନାଳ, ନର୍ଦ୍ଦମା କିପରି ସଫା କରାଯାଇଛି, ଜଳ ନିଷ୍କାସନ ବ୍ୟବସ୍ଥା ତଥା ସହରର ବିଭିନ୍ନ ରାସ୍ତାଘାଟ ସମ୍ପର୍କରେ ତଦାରଖ କରିଥିଲେ । ୧୮ ନମ୍ବର ୱାର୍ଡର ରାଜୀବ ନଗରରେ ଲୋକଙ୍କ ଆବଶ୍ୟକତା ଓ ଦାବି ମୁତାବକ ସରୋଜ ସେଠଙ୍କ ଘରଠାରୁ ଅମୂଲ୍ୟ ମହାନ୍ତିଙ୍କ ଘର ପର୍ଯ୍ୟନ୍ତ ଥିବା ରାସ୍ତା ଖରାପ ହୋଇଯାଇଥିବାରୁ ବିଧାୟକ ପାଣ୍ଠିରୁ ଶୀଘ୍ର ସେ ରାସ୍ତା ତିଆରି ବ୍ୟବସ୍ଥା କରିବେ ସ୍ଥାନୀୟ ମହିଳାମାନଙ୍କୁ ପ୍ରତିଶ୍ରୁତି ଦେଇଥିଲେ। ଅନେକ ରାସ୍ତାକଡରେ ବର୍ଜ୍ୟବସ୍ତୁ, ଅଳିଆ ଆବର୍ଜନା ପଡି ରହିଥିବା ଦେଖାଯାଇଥିଲା । ବର୍ଷାଋତୁ ଆସିଯାଇଥିବାରୁ ଅନେକ ଅଞ୍ଚଳରୁ ନାଳ ନର୍ଦ୍ଦମା ସଫେଇ ତଥା ରାସ୍ତାଘାଟ ମରାମତିକୁ ନେଇ ପୌରାଞ୍ଚଳର ବିଭିନ୍ନ ସ୍ଥାନରୁ ଅଭିଯୋଗମାନ ଆସୁଥିବାରୁ ଖୁବ୍ ଶୀଘ୍ର ପୌରାଞ୍ଚଳର ଏକ ସମୀକ୍ଷା ବୈଠକ ଡାକିବେ ବୋଲି ବିଧାୟକ ମିଶ୍ର ସୂଚନା ଦେଇଛନ୍ତି।

## ସଂକ୍ଷେପରେ

### ଦେବଦମ୍ପତିଙ୍କ ଯୁଗଳ ଦର୍ଶନ



ସୋନପୁର,୧୭।୬(ନି.ପ୍ର.): ସୁବର୍ଣ୍ଣପୁର ସହରର ନୂଆପଡାରେ ଗୁରୁବାର ଦେବଦମ୍ପତିଙ୍କ ଯୁଗଳ ଦର୍ଶନ ହୋଇଥିଲା । ଶ୍ରଦ୍ଧାଳୁମାନେ ସାମାଜିକ ଦୂରତ୍ୱ ବଜାୟ ରଖି ଶିବ ପାର୍ବତୀଙ୍କ ଦର୍ଶନ କରିଛନ୍ତି । ବୁଧବାର ବିଳମ୍ବିତ ରାତିରେ ଶ୍ରୀ ଶ୍ରୀ ସୁବର୍ଣ୍ଣମେରୁ ମହାଦେବଙ୍କ ଚଳନ୍ତି ପ୍ରତିମା ଚନ୍ଦ୍ରଶେଖର ବାବା ଓ ଜଗତ ଜନନୀ ମାତା ପାର୍ବତୀଙ୍କ ବିବାହ ରୀତିନୀତି ଅନୁଯାୟୀ ସମ୍ପନ୍ନ ହୋଇଥିଲା । କନ୍ୟା ପିତାଙ୍କ ବାସଗୃହ ହିମାଦ୍ରୀ ନଗର(ନୂଆପଡା) ଠାରେ କରୋନା କଟକଣା ଯୋଗୁ ନିରାଡମ୍ବର ଭାବେ ବିବାହ ଉତ୍ସବ ଅନୁଷ୍ଠିତ ହୋଇଥିଲା । ଦେବଦମ୍ପତିଙ୍କ ଏହି ଲୌକିକ ଲୀଳା ଭକ୍ତଙ୍କୁ ଦେଇଥିଲା ଆଧାତ୍ମିକ ଆନନ୍ଦ । ବୁଧବାର ରାତିରେ ମହାଦେବ ବାବା ୧୦୮ ଭରି ସୁନାର ଚନ୍ଦ୍ରଶେଖରଙ୍କ ସହ ଅଷ୍ଟ ଶମ୍ଭୁ ଓ ଅଷ୍ଟ ବିଷ୍ଣୁଙ୍କୁ ସାଙ୍ଗରେ ଧରି ବିବାହ ପାଇଁ ବାହାରି ଥିଲେ । ଯାତ୍ରାର ଏହା ହିଁ ମୁଖ୍ୟ ଆକର୍ଷଣ ଥିଲା । ନୂଆପଡାର ପି. ରାଜେଶ୍ୱରୀ ଓ ପି. ସୀମାଞ୍ଚଳ ରାଓ କନ୍ୟାଦାନ କରିଥିଲେ । ପଣ୍ଡିତ କାଳୀଚରଣ ମିଶ୍ର ଓ ଚନ୍ଦ୍ରଶେଖର ମନ୍ଦିରର ପୂଜକମାନେ ବିବାହ କାର୍ଯ୍ୟ ପରିଚାଳନା କରିଥିଲେ । ଏଠାରେ ପାଳିତ ହେଉଥିବା ଅନ୍ୟ ଯାନି ଯାତ୍ରା ଭଳି ଲୋକସଂସ୍କୃତି ଓ ଅଧାତ୍ମିକ ପର୍ବ ଶୀତଳ ଷଷ୍ଠୀ ଅନ୍ୟତମ ।

### ବଜ୍ରପାତରେ ଘର ଛାତ ଫାଟିଲା

ଲୋଇସିଂହା,୧୭।୬(ଡି.ଏନ.ଏ.): ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ବାଦିବାହଲା କୁମ୍ଭାରପଡାରେ ଗୁରୁବାର ସକାଳେ ବଜ୍ରପାତ ଘଟି ଜଣେ ବ୍ୟକ୍ତିଙ୍କ ଘର ଛାତରେ ଫାଟ ସୃଷ୍ଟି ହୋଇଛି। ଝାରୁ ରଣାଙ୍କ ଘରଛାତ ଫାଟି କଂକ୍ରିଟ ଖଣ୍ଡ ବାହାରି ପଡିଥିବା ସେ ଅଭିଯୋଗ କରିଛନ୍ତି। ଝାରୁଙ୍କ ପରିବାର ଲୋକେ ବୁଧବାର ରାତିରେ ଉକ୍ତ ଘରେ ଶୋଇଥିଲେ। ଗୁରୁବାର ଭୋରରୁ ବର୍ଷା ସହ ବଜ୍ରପାତ ହୋଇଥିଲା। ଛାତର ଦୁଇଟି ସ୍ଥାନରେ ଗର୍ତ୍ତ ସୃଷ୍ଟି ହୋଇ ଝାରୁଙ୍କ ପରିବାର ଶୋଇଥିବା କୋଠରିରେ ପଡିଥିଲା। ୨୦୧୭-୧୮ ଆର୍ଥିକ ବର୍ଷରେ ଝାରୁ ଆବାସ ଯୋଜନାରେ ଏହି ଘର କରିଥିଲେ।

### ୟୁପି ବିଭାଜନ ଅପେକ୍ଷା କୋସଲ ରାଜ୍ୟ ଗଠନ ବେଶି ଜରୁରୀ

ବଲାଙ୍ଗୀର ଅଫିସ, ୧୭।୬: ରାଜନୈତିକ ଦୃଷ୍ଟିକୋଣରୁ ଉତ୍ତର ପ୍ରଦେଶର ବିଭାଜନ କରି ଉତ୍ତରପ୍ରଦେଶ, ପୂର୍ବାଞ୍ଚଳ ଓ ବୁନ୍ଦେଲଖଣ୍ଡ ପ୍ରଦେଶ ଗଠନ କରାଯାଇପାରେ ବୋଲି ଚର୍ଚ୍ଚା ଚାଲିଛି। ପୂର୍ବରୁ ୨୦୦୦ ମସିହାରେ ଉତ୍ତର ପ୍ରଦେଶରୁ ଉତ୍ତରାଖଣ୍ଡ ଅଲଗା ହୋଇସାରିଛି। କିନ୍ତୁ କୋସଲ ରାଜ୍ୟ ଦାବି ବୁନ୍ଦେଲଖଣ୍ଡ ଓ ପୂର୍ବାଞ୍ଚଳ ରାଜ୍ୟ ଦାବି ଅପେକ୍ଷା ବହୁ ପୁରୁଣା। ଏହା ଛଡା କୋସଲାଞ୍ଚଳର ଭାଷା, ସଂସ୍କୃତି ଓ ଇତିହାସ ଓଡିଶାଠାରୁ ସମ୍ପୂର୍ଣ୍ଣ ଅଲଗା । ସେଥିପାଇଁ ୧୯୩୬ ଓ ୪୮ ଏଭଳି ଦୁଇଟି ପର୍ଯ୍ୟାୟରେ ଓଡିଶା ସହ କୋସଲାଞ୍ଚଳର ବିଭିନ୍ନ ଅଞ୍ଚଳ ଓ ତତ୍କାଳୀନ ଗଡଜାତ ମିଶିଥିଲେ ମଧ ଆଜିଯାଏ ଓଡିଶା ପ୍ରଶାସନ କୋଶଳାଞ୍ଚଳକୁ ନିଜର କରି ପାରିନାହିଁ। ରାଜନୈତିକ ଦୃଷ୍ଟିକୋଣରୁ ମଧ ଉପକୂଳ ଓଡିଶା ଓ କୋଶଳାଞ୍ଚଳ ପ୍ରାୟତଃ ଭିନ୍ନ ମତ ପୋଷଣ କରିଥାନ୍ତି । ବିଗତ ଲୋକସଭା ନିର୍ବାଚନରେ କୋସଲାଞ୍ଚଳର ସମସ୍ତ ଲୋକସଭା ସିଟ୍‌ରେ ଭାଜପା ଜିତିଛି। ଏଭଳି ସ୍ଥିତିରେ ସ୍ୱତନ୍ତ୍ର କୋସଲ ପ୍ରଦେଶ ଦାବିକୁ ସମର୍ଥନ କରିବା ଭାଜପାର ନୈତିକ ଦାୟିତ୍ୱ। ପ୍ରଧାନମନ୍ତ୍ରୀ, ଗୃହମନ୍ତ୍ରୀ ଓ ଭାଜପା ରାଷ୍ଟ୍ରୀୟ ଅଧକ୍ଷ ମଧ ଏହି ଦୃଷ୍ଟିରୁ ବିଚାର କରି ତୁରନ୍ତ ପଦକ୍ଷେପ ନେବାକୁ କୋସଲ ରାଜ୍ୟ ସମନ୍ୱୟ ସମିତି କେନ୍ଦ୍ରୀୟ ଅଧକ୍ଷ ପ୍ରଦୋମ କୁମାର ମିଶ୍ର ଅନୁରୋଧ କରିଛନ୍ତି ।

### ଗୋ ହତ୍ୟା ବନ୍ଦ ପାଇଁ ସ୍ମାରକପତ୍ର

ଜାମଟିକ୍ରା,୧୭।୬ (ଡି.ଏନ.ଏ): ରାଜ୍ୟ ସରକାର ଗୋହତ୍ୟାକୁ ସମ୍ପୂର୍ଣ୍ଣ ବନ୍ଦ କରିବା ପାଇଁ ଦୃଢ଼ ଆଇନ ପାରିତ କରନ୍ତୁ। ସେହିପରି ଗୋ ରକ୍ଷକମାନଙ୍କ ଉପରେ ଲଗାଯାଇଥିବା ମିଥ୍ୟା ମାମଲା ରଦ୍ଦ, ଗୋ ତସ୍କରି ରୋକିବା ପାଇଁ ଜିଲାରେ ସ୍ୱତନ୍ତ୍ର ଟାକ୍ସଫୋର୍ସ ଗଠନ କରିବା ଦାବିରେ ଅତାବିରା ବଜରଙ୍ଗ ଦଳ ପକ୍ଷରୁ ଗୁରୁବାର ପୂର୍ବାହ୍ନ ୧୧ଟା ସମୟରେ ବିଡିଓ ବିଶ୍ୱନାଥ ସାହୁଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଅତାବିରା ପ୍ରଖଣ୍ଡ ଗୋ ସୁରକ୍ଷା ପ୍ରମୁଖ ପ୍ରଭାସ କୁମାର ମଲ୍ଲିକ, ବରଗଡ ଜିଲା ସହ ସଂଯୋଜକ ପରମେଶ୍ୱର ପଟେଲ, ରୋଶନ ଜୟସପାଲ, ପ୍ରଦୀପ ସିଂ, ସୋନୁ ରାଓ, ସମ୍ପଦ କର ପ୍ରମୁଖ ଉପସ୍ଥିତ ଥିଲେ।

# ଧାନ କିଣାବିକା ସମସ୍ୟା ସମାଧାନ ଦାବି

**ବରଗଡ଼ ଅଫିସ୍,୧୭।୬**



ଅତାବିରା ଓକିଲ ସଂଘର ପ୍ରତିନିଧି ତହସିଲଦାରଙ୍କୁ ସ୍ମାରକପତ୍ର ପ୍ରଦାନ କରୁଛନ୍ତି ।

ବରଗଡ଼ ଜିଲାରେ ରବି ଧାନ କିଣାବିକା ସମସ୍ୟାରେ ହସ୍ତକ୍ଷେପ କରି ଏହାର ସମାଧାନ କରିବାକୁ ଅତାବିରା ଓକିଲ ସଂଘ ଦାବି କରିଛି। ଏହି କ୍ରମରେ ଗୁରୁବାର ଓକିଲ ସଂଘ ପକ୍ଷରୁ ବରଗଡ଼ ଜିଲାପାଳଙ୍କ ଉଦ୍ଦେଶ୍ୟରେ ଅତାବିରା ତହସିଲଦାର ଦୁର୍ଯ୍ୟୋଧନ ଭୋଇଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଛି।

ହୀରାକୁଦ ଜଳସେଚିତ ଅତାବିରା ବ୍ଲକ ଅଞ୍ଚଳରେ ରବିଧାନ ଫସଲ ଭଲ ହୋଇଥିଲା। ମାତ୍ର କାଳବୈଶାଖୀ ଯୋଗୁ ଅମଳ ପ୍ରଭାବିତ ହୋଇଛି। ଅମଳ ଧାନ ଶୁଖାଇବା ପାଇଁ ଜାଗା ନ ଥିବା ଯୋଗୁ ତାହା ଭିଜି ନଷ୍ଟ ହେବାରେ ଲାଗିଛି। ମଣ୍ଡିରେ ଧାନ ପକାଇବା ସତ୍ତ୍ୱେ ତାକୁ ଉଠାଯାଉ ନାହିଁ। ଚାଷୀଙ୍କୁ ମିଳିଥିବା ଟୋକନ ଉଭାନ ହୋଇଯାଇଥିବା ଅଭିଯୋଗ ହୋଇଛି। ଅନ୍ୟପଟେ ଚାଷୀ ମଣ୍ଡିକୁ ଧାନ ଆଣିବା ବଦଳରେ ତହସିଲ, ଯୋଗାଣ ଏବଂ ସମବାୟ କାର୍ଯ୍ୟାଳୟକୁ ଧାଁଧପଡ଼ ହୋଇ ନିରାଶରେ ଫେରୁଛି। ଏଭଳି ସ୍ଥିତିରେ ପ୍ରଶାସନ ଧାନକିଣା ନେଇ ତତ୍ପରତା ଦେଖାଇବା ବଦଳରେ ଉଦାସୀନ ରହିଛି। ଏହି ସମୟରେ ଓକିଲ ସଂଘ ଚାଷୀଙ୍କ ହକ୍ ପାଇଁ ଆଗେଇ ଆସିଛି। ଧାନ କିଣାବିକାରେ ଅବ୍ୟବସ୍ଥା ଦୂର କରି ସମସ୍ତ ପଞ୍ଜୀକୃତ ଚାଷୀଙ୍କ ଧାନ କିଣିବା, ବାତିଲ ଟୋକନ କାର୍ଯ୍ୟକ୍ଷମ ଏବଂ କମିଟି ଗଠନ କରି ଫସଲକ୍ଷତିର ଠିକ୍ ଆକଳନ କରି କ୍ଷତିପୂରଣ ଦେବାକୁ ସଂଘ ପକ୍ଷରୁ ଦାବି ହୋଇଛି। ଓକିଲ ସଂଘ ସଭାପତି ଉନ୍ନି କ୍ରିଷ୍ଣନ ନାୟାରଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ତହସିଲ ଅଫିସକୁ ଯାଇ ସ୍ମାରକପତ୍ର ପ୍ରଦାନ କରିଥିଲେ।

**ସ୍ମାରକପତ୍ର ଦେଲା ଓକିଲ ସଂଘ**

## ପିଲାଙ୍କୁ ମିଳୁନି: ପୋଡ଼ାଯାଉଛି ବହି, ଔଷଧ

**ନର୍ଲା, ୧୭।୬ (ଡି.ଏନ.ଏ.)**

ପିଲାଙ୍କୁ ସରକାରୀ କୃମି ନାଶକ ଓ ଆଇରନ ବଟିକା ଏବଂ ବହି ମିଳୁ ନ ଥିବା ବେଳେ ସେସବୁ ପୋଡ଼ିବା ଓ ଫିଙ୍ଗାଯାଇଥିବା ଦେଖିବାକୁ ମିଳିଛି। ଏହି ଘଟଣାକୁ ନେଇ ସାଧାରଣରେ ଅସନ୍ତୋଷ ଦେଖାଦେଇଛି। ଏଭଳି ଘଟଣା ଦେଖିବାକୁ ମିଳିଛି କଳାହାଣ୍ଡି ଜିଲା ନର୍ଲା ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ପଛପଟେ। କ୍ୟାମ୍ପସ ଭିତରେ ଲକ୍ଷାଧିକ ଟଙ୍କାର ସରକାରୀ କୃମି ନାଶକ ଓ ଆଇରନ ବଟିକା ଏବଂ ବହୁ ସଂଖ୍ୟାରେ ବହି ପୋଡ଼ିବା ଓ ଫିଙ୍ଗାଯାଇଛି। ସୂଚନା ମୁତାବକ ଶିକ୍ଷାର ଉନ୍ନତି ଦିଗରେ ସରକାର ସର୍ବଦା ଚେଷ୍ଟିତ ଥିବାବେଳେ ପ୍ରତିବର୍ଷ କାର୍ଯ୍ୟାଳୟକୁ ପିଲାଙ୍କ ପଢ଼ା ଓ ସ୍ୱାସ୍ଥ୍ୟ ସୁରକ୍ଷା ନିମନ୍ତେ ଆସୁଥିବା ବହିପତ୍ର ବଣ୍ଟା ନ ଯାଇ ଷ୍ଟକରଖି ଅଫିସ ପଛପଟେ ବହି ଓ ଔଷଧପତ୍ର ପୋଡ଼ି ଦେଇଥିବା ଏବଂ ବହୁ ପରିମାଣର ବିଦେଶୀ ମଦ ବୋତଲ ଫିଙ୍ଗାଯାଇଥିବା ଦେଖାଯାଇଥିଲା। ଏ ବିଷୟରେ ଫୋନ ଯୋଗେ ଦାୟିତ୍ୱରେ ଥିବା ଏବିଇଓଙ୍କୁ ପଚାରିବାରୁ ଏ ବିଷୟରେ କିଛି ଜାଣିନାହିଁ ବୋଲି କହିଥିଲେ।

## ଗୌରଗୋଠ ପ୍ୟାକ୍ସ: ୪୬ ଚାଷୀଙ୍କ ଟୋକନ ଆସିନି



ଟୋକନ ଆସିନଥିବା ଚାଷୀମାନେ ଧାନ ବିକ୍ରି ପାଇଁ ଦାବି କରୁଛନ୍ତି ।

**ଦେଓଗାଁ,୧୭।୬(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ଅନ୍ତର୍ଗତ ଗୌରଗୋଠ ପ୍ୟାକ୍ସରେ ରବିଧାନ କ୍ରୟକୁ ନେଇ ପୁଣି ଅବ୍ୟବସ୍ଥା ନଜରକୁ ଆସିଛି। ଏହି ପ୍ୟାକ୍ସରେ ଚଳିତ ରବିଧାନ ବିକ୍ରିପାଇଁ ୧୯୩ ଜଣ ଚାଷୀ ପଞ୍ଜିକୃତ ହୋଇଛନ୍ତି । ସେମାନଙ୍କ ମଧ୍ୟରୁ ୧୪୭ ଚାଷୀ ଟୋକନ ପାଇ ଧାନବିକ୍ରି କରିସାରିଛନ୍ତି। ଅନ୍ୟ ୪୬ଚାଷୀ ଟୋକନ ପାଇ ନ ଥିବାରୁ ଅନିଶ୍ଚିତତାରେ ଦିନ କାଟୁଥିବା ଅଭିଯୋଗ କରିଛନ୍ତି। ଏ ନେଇ ଚାଷୀମାନେ ଗୁରୁବାର ପ୍ୟାକ୍ସକୁ ଆସି ଧାନବିକ୍ରୟ ପାଇଁ ଦାବି ଜଣାଇଥିଲେ। ଏହି ପ୍ୟାକ୍ସକୁ ୭୦୮୦ କୁଇଣ୍ଟାଲ ଧାନ ଟାର୍ଗେଟ ଆସିଥିବା ବେଳେ ୬୫୫୦ କୁଇଣ୍ଟାଲ ଧାନ ବିକ୍ରୟ ସରିଛି । ଏବେ ମାତ୍ର ୫୩୦କୁଇଣ୍ଟାଲଧାନ କ୍ରୟ ପାଇଁ ଟାର୍ଗେଟ ରହିଛି। ଏ ସଂକ୍ରାନ୍ତରେ ପ୍ୟାକ୍ସ ସମ୍ପାଦକ ଦୁର୍ଯ୍ୟୋଧନ ରଣାଙ୍କ କହିବାନୁସାରେ ଚାଷୀଙ୍କ ଟୋକନ ପାଇଁ ଉଚ୍ଚ ଅଧିକାରୀଙ୍କୁ ଅବଗତ କରିଛୁ। ଦିନେ ଦୁଇଦିନ ମଧ୍ୟରେ ଟୋକନ ଓ ଟାର୍ଗେଟ ଆସିବା ସହ ଚାଷୀଙ୍କ ଧାନ କ୍ରୟ ହୋଇପାରିବ ବୋଲି କହିଛନ୍ତି ।

# ଚାଷୀଙ୍କ ରାସ୍ତା ଅବରୋଧ



ଚାଷୀମାନେ ରାସ୍ତା ଅବରୋଧ କରିଛନ୍ତି।

**କଣ୍ଟାମାଳ,୧୭।୬(ଡି.ଏନ.ଏ.)**

ବୌଦ୍ଧ ଜିଲା କଣ୍ଟାମାଳ ବ୍ଲକର ସମିଳିପଦର ପ୍ୟାକ୍ସ ପରିଚାଳିତ ମଣ୍ଡିରେ ନା ନା ଅବ୍ୟବସ୍ଥା ଦେଖାଦେଇଛି। ପ୍ୟାକ୍ସରୁ ଧାନ ନ ଉଠିବା ପ୍ରତିବାଦରେ ଚାଷୀଙ୍କ ଦ୍ୱାରା ଜିଲାର କଣ୍ଟାମାଳ-ମନମୁଣ୍ଡା ରାସ୍ତା ଗୁରୁବାର ସକାଳ ୮ଟାରୁ ଅପରାହ୍ନ ୫ଟା ପର୍ଯ୍ୟନ୍ତ ଅବରୋଧ ହୋଇଥିଲା। ଫଳରେ ରାସ୍ତାର ଉଭୟ ପାର୍ଶ୍ୱରେ ଯାନବାହାନ ଅଟକି ରହିଥିଲା। ଏହା ପରେ ଚାଷୀମାନେ ୨ଜଣ ଅଧିକାରୀ ମାର୍କେଟିଂ ଅଫିସର ଦେବକାନ୍ତ ମହାନ୍ତି ଓ କୋଅପରେଟିଭ ଇନ୍ସପେକ୍ଟର ଗୁରୁଚରଣ ଦାସଙ୍କୁ ପ୍ୟାକ୍ସ ଭିତରେ ତାଲା ପକାଇ ଦେଇଥିଲେ। ଘଟଣାସ୍ଥଳରେ ମନମୁଣ୍ଡା ପୋଲିସ ଜଗି ରହିଛି। ଖବର ଲେଖା ହେବା ପର୍ଯ୍ୟନ୍ତ କୌଣସି ଅଧିକାରୀ ପହଞ୍ଚି ନାହାନ୍ତି। ସୂଚନାଯୋଗ୍ୟ, ଗତ ୧ ତାରିଖରୁ ୧୦ ତାରିଖ ଯାଏ ଟୋକନ ପାଇଥିବା ଚାଷୀ ଧାନ ବିକ୍ରି କରି ପାରିନାହାନ୍ତି। ସେହିପରି ଡାଟାଏଣ୍ଟ୍ରି ଅପରେଟର୍ ଓ ସମ୍ପାଦକଙ୍କ ଅନିୟମିତତା ନେଇ ଚାଷୀମାନେ ଅଭିଯୋଗ କରିଛନ୍ତି।

**୨ ଅଧିକାରୀଙ୍କୁ ପ୍ୟାକ୍ସରେ ତାଲା ପକାଇଲେ ଚାଷୀ**

## କୃଷି ଅଧିକାରୀଙ୍କୁ ଫେରାଦ

**ବରଗଡ଼ ଅଫିସ୍,୧୭।୬**

ବରଗଡ଼ ଜିଲାରେ କ୍ଷତିଗ୍ରସ୍ତ ଚାଷୀଙ୍କୁ ବୀମା କ୍ଷତିପୂରଣ ପ୍ରଦାନରେ ଅବହେଳା କରାଯାଉଥିବା ନେଇ ଅସନ୍ତୋଷ ବଢ଼ିବାରେ ଲାଗିଛି। ଏହି କ୍ରମରେ ଗୁରୁବାର ବରଗଡ଼ ଜିଲା ଚାଷୀ ସଙ୍ଗଠନ ସମନ୍ୱୟ ସମିତିର ଏକ ପ୍ରତିନିଧି ଦଳ ମୁଖ୍ୟ ଜିଲା କୃଷି ଅଧିକାରୀ ପ୍ରଭାତ କୁମାର ସାମଲଙ୍କୁ ଭେଟି ଫେରାଦ ହୋଇ ସ୍ମାରକପତ୍ର ପ୍ରଦାନ କରିଛନ୍ତି। ଦାବି ପୂରଣ ନ ହେଲେ ଆସନ୍ତା ୨୫ ତାରିଖରୁ ଚାଷୀ ସଙ୍ଗଠନ ପକ୍ଷରୁ ଜିଲା ମୁଖ୍ୟ କୃଷି ଅଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଆନ୍ଦୋଳନ କରାଯିବ ବୋଲି ଚେତାବନୀ ଦିଆଯାଇଛି। ଚାଷୀ ସଙ୍ଗଠନ ସମନ୍ୱୟ ସମିତି ସଭାପତି ଜୟକୃଷ୍ଣ ସାହୁ, ସମ୍ପାଦକ କିଶୋର ଚନ୍ଦ୍ର ଦେବତା ଉପସ୍ଥିତ ଥିଲେ ।

## ମନ୍ତ୍ରୀଙ୍କ ତୁଷୁରା ଗସ୍ତକୁ ବିରୋଧ

**ଗୁଡ଼ଭେଲା, ୧୭।୬(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ତୁଷୁରା ଏନଏସି ଅଧିନ ନଅଗାଁ ଠାରେ ପ୍ରାୟ ୨.୯୦ଏକର ଜମିରେ ପିଡବ୍ଲ୍ୟୁଡି ପକ୍ଷରୁ ପ୍ରସ୍ତାବିତ ଇନଡୋର ଷ୍ଟାଡିୟମ ନିର୍ମାଣ ପାଇଁ ଗୁରୁବାର ରାଜ୍ୟ ମହିଳା ଶିଶୁ ବିକାଶ ମନ୍ତ୍ରୀ ଟୁକୁନୀ ସାହୁ କ୍ଷେତ୍ର ପରିଦର୍ଶନ କରିଥିଲେ। ଏହି ସମୟରେ ପିଡବ୍ଲ୍ୟୁଡି ଏସଡିଓ ଆଲୋକ ନାୟକ, ଏନଏସି କାର୍ଯ୍ୟନିର୍ବାହୀ ଅଧିକାରୀ ଲକ୍ଷ୍ମଣ ମୁର୍ମୁ, ତହସିଲଦାର ଚନ୍ଦ୍ରମଣୀ ନାଗ ପ୍ରମୁଖ ଉପସ୍ଥିତ ଥିଲେ। ଏହାପରେ ତୁଷୁରା ପ୍ରାଥମିକ ଚିକିତ୍ସାଳୟ ପରିଦର୍ଶନ କରିଥିଲେ। ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡାକ୍ତର ଭିମ ସାହୁଙ୍କ ଉପସ୍ଥିତିରେ ଡାକ୍ତର ସମସ୍ୟା ନେଇ ଆଲୋଚନା କରିଥିଲେ। ଜଣେ ସ୍ଥାୟୀ ଡାକ୍ତର ଓ ଅନ୍ୟ ଜଣେ ଡାକ୍ତରଙ୍କୁ ଡେପୁଟେସନରେ ଏଠାରେ ନିଯୁକ୍ତି ଦିଆଗଲା ବୋଲି ମନ୍ତ୍ରୀ ଆଲୋଚନା ବେଳେ କହିଥିଲେ। ଏଥିସହ ଖୁବ୍‌ଶୀଘ୍ର ଏହି ଚିକିତ୍ସାଳୟକୁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ମାନ୍ୟତା ଦିଆଯିବ ବୋଲି ମନ୍ତ୍ରୀ ସାହୁ କହିଥିଲେ। ଅନ୍ୟପକ୍ଷରେ ତୁଷୁରା ସ୍ୱାସ୍ଥ୍ୟକେନ୍ଦ୍ର ଅପଗ୍ରେଡ ନ ହେବା ଯାଏ କୌଣସି ନେତା ଓ ମନ୍ତ୍ରୀଙ୍କୁ ତୁଷୁରା ସହରକୁ ପ୍ରବେଶ କରାଇ ଦିଆଯିବ ନାହିଁ ବୋଲି ନିଷ୍ପତ୍ତି ନେଇଥିଲା ସ୍ଥାନୀୟ ଯୁଥ ଆକ୍ସନ କମିଟି। ଏହିକ୍ରମରେ ମନ୍ତ୍ରୀ ସାହୁଙ୍କ ଗୁରୁବାର ଗସ୍ତକୁ ବିରୋଧ କରି ମହୀପୁର ଛକରେ ପୂର୍ବରୁ କମିଟି କର୍ମକର୍ତ୍ତାମାନେ ଏକଜୁଟ ହୋଇଥିଲେ। ଖବର ପାଇ ସ୍ଥାନୀୟ ପୋଲିସ କମିଟିର ଶ୍ରୀକାନ୍ତ ବାଗ, ଲିସନ ପ୍ରଧାନ ଆଦି ୪ଜଣଙ୍କୁ ଘଟଣାସ୍ଥଳରୁ ଉଠାଇ ନେଇଥିଲା। ସେମାନଙ୍କୁ ତୁରନ୍ତ ଛାଡିବା ପାଇଁ ଉକ୍ତ କମିଟି ପକ୍ଷରୁ ତୁଷୁରା ଥାନା ଘେରାଉ କରାଯାଇଥିଲା। ଦୁଇ ପାଟୁନ ପୋଲିସ ସହ ତୁଷୁରା ଥାନାଧିକାରୀ ବି. ରୁଦ୍ରିୟା, ପୁଇଁତଲା ଥାନାଧିକାରୀ ଯୋଶବନ୍ତ ପ୍ରଧାନୀ ଓ ସଇଁତଲା ଥାନାଧିକାରୀ ଏସ.ପଟ୍ଟନାୟକ ଥାନାରେ ଉପସ୍ଥିତ ରହିଛନ୍ତି। ସବିଶେଷ ସୂଚନାନୁସାରେ ଆଇନଶୃଙ୍ଖଳା ଦୃଷ୍ଟିରୁ ଅଟକ ୪ଜଣଙ୍କୁ ଅନ୍ୟତ୍ର ସ୍ଥାନାନ୍ତର କରାଯାଇଛି।

## ତହସିଲ ଅଫିସ୍ ଘେରିଲେ ଚାଷୀ

**ଜାମଟିକ୍ରା, ୧୭।୬(ଡି.ଏନ.ଏ)**

ଅତାବିରା ଅଞ୍ଚଳରେ ଲଗାଣ ବର୍ଷା ପରେ ଅନେକ ଚାଷୀ କ୍ଷେତରୁ ଖଳାକୁ ଧାନ ଆଣି ପାରିନାହାନ୍ତି। ମଣ୍ଡିରେ ଟୋକନ ବାତିଲ ହେଉଛି। ମଣ୍ଡିରେ ଯେଉଁ ଧାନ ପଡିଛି ତାହା ମଧ ଗଜା ହେଲାଣି। ଚାଷୀଙ୍କୁ ମଧବର୍ତ୍ତୀକାଳୀନ ସହାୟତା ପାଇଁ ଓଡିଶା ରାଜ୍ୟ କୃଷକ ସଙ୍ଗଠନ ଅତାବିରା ଶାଖା ପକ୍ଷରୁ ଗୁରୁବାର ପୂର୍ବାହ୍ନ ୧୧ଟାରେ ଅତାବିରା ତହସିଲ ଅଫିସ୍ ଘେରାଉ କରାଯାଇଥିଲା। ପରେ ତହସିଲଦାର ଦୁର୍ଯ୍ୟୋଧନ ଭୋଇ ଏବଂ ବ୍ଲକ କୃଷି ଅଧିକାରୀ ବିଜୟ କୁମାର ପଟ୍ଟନାୟକ ଚାଷୀଙ୍କ ସହିତ ଆଲୋଚନା କରିଥିଲେ। କୃଷକ ସଙ୍ଗଠନ ସଭାପତି ବୀରେନ୍ଦ୍ର କର, ସମ୍ପାଦକ ସୁବାଷ ବିଶ୍ୱାଳ, ରବିନ୍ଦ୍ର ବିଶି, ଭୀଷ୍ମଦେବ ପଣ୍ଡା, ଚୈତନ୍ୟ କର୍ଣ୍ଣ, କୌସ୍ତୁଭ ପଧାନ ପ୍ରମୁଖ ଆଲୋଚନା ବେଳେ ଉପସ୍ଥିତ ଥିଲେ।




ଚାଷୀମାନେ ତହସିଲ ଅଫିସ୍ ଘେରାଉ କରିଛନ୍ତି।

# ଅସହାୟ ୩ ଶିଶୁଙ୍କ ପାଖରେ ପହଞ୍ଚିଲା ଜିଲା ପ୍ରଶାସନ

**ବୌଦ୍ଧ,୧୭।୬(ସ୍ୱ.ପ୍ର.)**



ଜିଲା ପ୍ରଶାସନ ପକ୍ଷରୁ ତିନି ଶିଶୁଙ୍କୁ ସହାୟତା ପ୍ରଦାନ କରାଯାଉଛି ।

ବୌଦ୍ଧ ଜିଲା ହରଭଙ୍ଗା ବ୍ଲକ ବାଣୀଭୂଷଣପୁର ଗ୍ରାମ ପଞ୍ଚାୟତର ବାହାଲି ଗ୍ରାମରେ ପିତାମାତାଙ୍କୁ ହରାଇ ଅସହାୟ ଅବସ୍ଥାରେ ଦିନ କାଟୁଥିବା ତିନି ଶିଶୁଙ୍କ ପାଖରେ ଗୁରୁବାର ଜିଲା ପ୍ରଶାସନ ପହଞ୍ଚି ସହଯୋଗର ହାତ ବଢାଇଛି । ପ୍ରକାଶ ଯେ, ବାହାଲି ଗ୍ରାମର ସପ୍ତେଶ୍ୱର ମଲିକ(୪୬) ୩ ଶିଶୁଙ୍କୁ ନେଇ ଚାଷ ବାସ କରି ପରିବାର ପ୍ରତିପୋଷଣ କରି ଆସୁଥିଲେ। ଗତ ତିନି ବର୍ଷ ତଳେ ତାଙ୍କ ସ୍ତ୍ରୀଙ୍କ ସାପ କାମୁଡାରେ ମୃତ୍ୟୁ ଘଟିଥିଲା । ଗତ ୧୫ ତାରିଖରେ ସପ୍ତେଶ୍ୱର ପଡିଯାଇ ମୃତ୍ୟୁବରଣ କରିବା ପରେ ତାଙ୍କର ତିନି ଶିଶୁ ଅସହାୟ ହୋଇ ପଡିଥିଲେ । ଏନେଇ ଖବର ପାଇବା ପରେ ପ୍ରଶାସନ ତତ୍ପର ହୋଇ ପଡିଥିଲା । ଗୁରୁବାର ହରଭଙ୍ଗା ବିଡିଓ ନୀଳକଣ୍ଠ ବେହେରାଙ୍କ ନେତୃତ୍ୱରେ ଜିଲା ଶିଶୁ ସୁରକ୍ଷା ଅଧିକାରୀ ରାହୁଲ ପ୍ରଧାନ, ଶିଶୁ ମଙ୍ଗଳ ସମିତିର ସଦସ୍ୟା ପ୍ରଣୟନୀ ଲେଙ୍କା, ଜିଲା ଶିଶୁ ସୁରକ୍ଷା ୟୁନିଟ୍ କର୍ମଚାରୀ ରାଜେନ୍ଦ୍ର ମଲିକ ଓ ସହଦେବ ନାୟକ ପହଞ୍ଚି ତିନି ଶିଶୁ ଓ ପରିବାରର ଅନ୍ୟ ସଦସ୍ୟଙ୍କ ସହ ଆଲୋଚନା କରିଥିଲେ। ବର୍ତ୍ତମାନ ତିନି ଶିଶୁ ମାମୁଁଘରେ ଅଜାଆଈଙ୍କ ତତ୍ତ୍ୱାବଧାନରେ ରହୁଛନ୍ତି। ତେବେ ସମସ୍ତଙ୍କ ସହ ଆଲୋଚନା ପରେ ଉକ୍ତ ଶିଶୁମାନଙ୍କୁ ଶିଶୁ ଯତ୍ନ ଅନୁଷ୍ଠାନରେ ଥଇଥାନ କରିବା ପାଇଁ ନିଷ୍ପତ୍ତି ଗ୍ରହଣ କରାଯାଇଛି। ଏହି ଅବସରରେ ପରିବାରକୁ ଏଲ୍.କେ.ବି.କେ.ସରସରା ସଂସ୍ଥା ଦ୍ୱାରା ଶୁଖିଲା ଖାଦ୍ୟ ଓ ରାଶନ ପ୍ରଦାନ କରାଯାଇଛି। ଶିଶୁମଙ୍ଗଳ ସମିତି ତରଫରୁ ୧୦୦୦ ଟଙ୍କା ସହାୟତା ରାଶି ପ୍ରଦାନ କରାଯାଇଛି ।

## ଟିକାକରଣ ଶତପ୍ରତିଶତ ପାଇଁ ଜିଲାପାଳଙ୍କ ସମୀକ୍ଷା

ନୂଆପଡ଼ା ଅଫିସ: ନୂଆପଡା ଜିଲା ବୋଡେନ ବ୍ଲକ ସମିତି ସମ୍ମିଳନୀ କକ୍ଷଠାରେ ଗୁରୁବାର କୋଭିଡ୍ ଟିକାକରଣକୁ ଶତ ପ୍ରତିଶତ କରିବା ପାଇଁ ଜିଲାପାଳ ସ୍ୱାଧାଦେବ ସିଂ ଭିଡିଓ ସମ୍ମିଳନୀ ମାଧ୍ୟମରେ ସମୀକ୍ଷା କରିଛନ୍ତି। ଏଥିରେ ବୋଡେନ ବିଡିଓ ପୂର୍ଣ୍ଣଚନ୍ଦ୍ର ଭୋଇ, ସିନାପାଲି ବିଡିଓ ସଦାଶିବ ନାୟକ, ଖଡିଆଳ ବିଡିଓ ନାରାୟଣ ସାହୁ, କୋମନା ବିଡିଓ ସଦାଶିବ ଭତ୍ରା, ନୂଆପଡା ବଡିଓ ସୁବେଦାର ପ୍ରଧାନଙ୍କ ସହ ବୋଡେନ ବ୍ଲକ ଅଧ୍ୟକ୍ଷା ପ୍ରେମସିଲା ନାଗ, ଜିଲାର ସମସ୍ତ ସରପଞ୍ଚ, ସମିତି ସଭ୍ୟାସଭ୍ୟ, ୱାର୍ଡମେମ୍ବର ଓ ବ୍ଲକ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏହି ବାର୍ତ୍ତା ପ୍ରତ୍ୟେକ ଗାଁର ସବୁ ପରିବାର ପାଖରେ ପହଞ୍ଚାଇବାକୁ ଜିଲାପାଳ ଅନୁରୋଧ କରିଛନ୍ତି।

**ସଂକ୍ଷେପରେ**

### ଓଡ଼ିଶା ଅଭିଭାବକ ମହାସଂଘ ରାଜ୍ୟ ଉପାଧ୍ୟକ୍ଷ ଭାବେ ଯଦୁମଣି ମନୋନୀତ

**ନୂଆପଡ଼ା ଅଫିସ,୧୭।୬:** ଓଡିଶା ଅଭିଭାବକ ମହାସଂଘ ରାଜ୍ୟ ଉପାଧ୍ୟକ୍ଷ ଭାବେ ବିଶିଷ୍ଟ କୃଷକ ନେତା ଯଦୁମଣି ପାଣିଗ୍ରାହୀଙ୍କୁ ଓଡିଶା ଅଭିଭାବକ ମହାସଂଘ ପକ୍ଷରୁ ମନୋନୀତ କରାଯାଇଛି।



ନୂଆପଡା ଜିଲାରେ ଜୟ କିଷାନ ମଜଦୁର ସଂଗ୍ରାମ ପରିଷଦର ଆବାହକ ପାଣିଗ୍ରାହୀ ୧୫୬ ବିଦ୍ୟାଳୟ ବନ୍ଦ କରିବା ପାଇଁ ପ୍ରଶାସନ ନେଇଥିବା ନିଷ୍ପତ୍ତି ବିରୋଧରେ ସ୍କୁଲ ବଞ୍ଚାଅ-ଶିକ୍ଷା ବଞ୍ଚାଅ ଅଭିଯାନ ଆରମ୍ଭ କରିଥିଲେ। ଏହି ଦାୟୀତ୍ୱରେ ମନୋନୀତ ହେବା ପରେ ନୂଆପଡା ଜିଲାର ଶିକ୍ଷା କ୍ଷେତ୍ରରେ ଓ ଅଭିଭାବକମାନଙ୍କ ଥିବା ବିଭିନ୍ନ ସମସ୍ୟାର ସମାଧାନ ପାଇଁ ଲଢେଇ କରିବାକୁ ସୁବିଧା ଓ ଶକ୍ତି ମିଳିବ ବୋଲି ପାଣିଗ୍ରାହୀ କହିଛନ୍ତି। ଏହି ନିଯୁକ୍ତି ପାଇଁ ଅଭିଭାବକ ଓ ଶିକ୍ଷାବିତ ମହଲରେ ଆନନ୍ଦ ଖେଳିଯାଇଛି। ଏହି ଦାୟୀତ୍ୱ ପାଇଁ ମନୋନୀତ କରିଥିବାରୁ ଓଡିଶା ମହାସଂଘର ରାଜ୍ୟ ସଭାପତି ବାସୁଦେବେ ଭଟ୍ଟଙ୍କୁ ପାଣିଗ୍ରାହୀ ଧନ୍ୟବାଦ ଜଣାଇଛନ୍ତି।

### କନିଷ୍ଠ ଯନ୍ତ୍ରୀଙ୍କ ଝୁଲନ୍ତା ମୃତଦେହ ଜବତ

**କଣିହାଁ,୧୭।୬(ଡି.ଏନ.ଏ.):** ଅନୁଗୋଳ ଜିଲା କଣିହାଁ ବ୍ଲକ ରେଙ୍ଗାଳି ଡ୍ୟାମ୍ ସାଇଟ୍ ଇଲେକ୍ଟ୍ରିକାଲ କଲୋନୀ କ୍ୱାର୍ଟର୍ସ ନମ୍ବର ଏଫ/୨୦୨ରୁ ଗୁରୁବାର କନିଷ୍ଠ ଯନ୍ତ୍ରୀ ବୀରେନ କୁମାର ବେଉରିଆ (୨୩)ଙ୍କ ଝୁଲନ୍ତା ମୃତଦେହ ପୋଲିସ ଜବତ କରିଛି। ସେ ବିଦ୍ୟୁତ୍ ବିତରକ କମ୍ପାନୀର ରେଙ୍ଗାଲି ସେକ୍ସନରେ କାର୍ଯ୍ୟ କରୁଥିଲେ। ତାଙ୍କ ଘର ଯାଜପୁର ଜିଲାରେ। ପୋଲିସ କହିବା ଅନୁଯାୟୀ, ବୀରେନ ଉକ୍ତ କ୍ୱାର୍ଟର୍ସରେ ଏକା ରହୁଥିଲେ। ଗୁରୁବାର ଷ୍ଟାଫ ମିଟିଂ ଥିବାବେଳେ ଜେଇ ନ ଆସିବାରୁ କର୍ମଚାରୀମାନେ ବାରମ୍ବାର ଫୋନ କରିବା ସତ୍ତ୍ୱେ କେହି ଉଠାଇ ନ ଥିଲେ। ବାଧହୋଇ କେତେଜଣ କର୍ମଚାରୀ କ୍ୱାର୍ଟର୍ସ ନିକଟକୁ ଆସି ବୀରେନଙ୍କ ମୃତଦେହ ଫ୍ୟାନରେ ଝୁଲୁଥିବା ଦେଖିଥିଲେ। ବିଭାଗୀୟ ସହାୟକ ଯନ୍ତ୍ରୀ ଏ ନେଇ ଥାନାକୁ ସୂଚନା ଦେଇଥିବା ରେଙ୍ଗାଲି ଥାନା ଆଇଆଇସି ସରୋଜକାନ୍ତ ସାମଲ କହିଛନ୍ତି।

### ନିଶା ସ୍ପ୍ରେ କରି ଦମ୍ପତିଙ୍କଠାରୁ ସୁନାଗହଣା ଲୁଟ୍

**ସୋର,୧୭।୬(ଡି.ଏନ.ଏ.):** ବାଲେଶ୍ୱର ଜିଲା ସୋର ଥାନା ଅଧୀନ ବ୍ରାହ୍ମଣସାହି ଗ୍ରାମରେ ଗତ ଦୁଇଦିନ ତଳେ ବିଳମ୍ବିତ ରାତିରେ ବାରିପଟ ସ୍କାଏଲାଇଟ୍ ଭାଙ୍ଗି ଘରେ ପଶି ଦମ୍ପତିଙ୍କ ଉପରେ ନିଶା ସ୍ପ୍ରେ କରି ଲକ୍ଷାଧିକ ଟଙ୍କାର ଗହଣା ଲୁଟି ନେଇଛନ୍ତି। ଗ୍ରାମର ସୂର୍ଯ୍ୟକାନ୍ତ ପଣ୍ଡା ଓ ତାଙ୍କ ସ୍ତ୍ରୀ ଘରେ ଶୋଇଥିବା ବେଳେ ଏପରି ଘଟଣା ଘଟିଛି। ଲୁଟେରାମାନେ ଆଲମିରା ଭାଙ୍ଗି ସମସ୍ତ ସୁନା ଓ ରୁପା ଗହଣା ନେଇଯାଇଥିବା ସୂର୍ଯ୍ୟକାନ୍ତ ସୋର ଥାନାରେ ଅଭିଯୋଗ କରିଛନ୍ତି। ଚୋରି ଗହଣାର ମୂଲ୍ୟ ଆନୁମାନିକ ୨୦ଲକ୍ଷ ଟଙ୍କା ହେବ। ସୋର ଥାନା ଅଧିକାରିଣୀ ମଧୁମିତା ମହାନ୍ତି ପହଞ୍ଚି ଗୁରୁବାର ମଧ୍ୟାହ୍ନରେ ତଦନ୍ତ କରିଛନ୍ତି।

# ନିମ୍ନମାନର କାମକୁ ନେଇ ଉତ୍ତେଜନା

**ବରଗଡ଼ ଅଫିସ୍/ବିଜେପୁର,୧୭।୬**

ବରଗଡ଼ ଜିଲା ବିଜେପୁର ବ୍ଲକ ବୁଢ଼ାପାଲି ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟରେ ମୋ ସ୍କୁଲ ଅଭିଯାନ ପକ୍ଷରୁ ନିର୍ମାଣାଧୀନ ସ୍କୁଲ କୋଠରୀ ନିର୍ମାଣ କାର୍ଯ୍ୟ ନିମ୍ନମାନର ହୋଇଥିବା ଅଭିଯୋଗ ହୋଇଛି। ଏହାକୁ ନେଇ ବୁଧବାର ସନ୍ଧ୍ୟାରେ ପୁରାତନ ଛାତ୍ର, ଗ୍ରାମବାସୀ ସ୍କୁଲ ଆଗରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ପୁରାତନ ଛାତ୍ର ଖଗେଶ୍ୱର ମେହେର ଅଭିଯୋଗ କରିଛନ୍ତି, ମୋ ସ୍କୁଲ ଅଭିଯାନ ପକ୍ଷରୁ ଉକ୍ତ ସ୍କୁଲକୁ ୪୫ଲକ୍ଷ ଟଙ୍କା ଅନୁଦାନ ଆସିଥିଲା। ହେଲେ ଉକ୍ତ ଉନ୍ନୟନ କାମକୁ ସ୍କୁଲ କମିଟି ଦ୍ୱାରା କରାଯିବା ସମ୍ଭବ ନୁହେଁ ବୋଲି ପ୍ରଶାସନିକ ଅଧିକାରୀମାନେ କହିଥିଲେ ଏବଂ ସମ୍ପୃକ୍ତ ଟଙ୍କା ବ୍ଲକକୁ ଟ୍ରାନ୍ସଫର କରାଯାଇଥିଲା। ଉକ୍ତ ଅନୁଦାନ ରାଶିରୁ ପଞ୍ଚାୟତ ପକ୍ଷରୁ ସ୍କୁଲ କୋଠାଘର ପ୍ଲିନ୍ଥ ପର୍ଯ୍ୟନ୍ତ ନିର୍ମାଣ ହୋଇଛି। କାମ ନିମ୍ନମାନର ହେଉଥିବା ଅଭିଯୋଗ କରି ବୁଧବାର ପ୍ଲିନ୍ଥରେ ଦିଆଯାଇଥିବା ଇଟାକୁ ସେମାନେ କାଢି ଦେଇଥିଲେ। ପ୍ଲିନ୍ଥରେ ଛଡ଼ ଦେଖାଯାଉଥିବା ବେଳେ ଗେଟି, ସିମେଣ୍ଟ ଅପେକ୍ଷା ଅଧିକ ପରିମାଣରେ ଇଟା, ବୋଲ୍ଡ଼ର ଭର୍ତ୍ତି କରାଯାଇଥିବା ଦେଖିବାକୁ ମିଳିଛି ବୋଲି ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଏଭଳି ନିମ୍ନମାନର କାମରେ କିଭଳି ୨ମହଲା ସ୍କୁଲ କୋଠାଘର ନିର୍ମିତ ହେବ ବୋଲି ସେମାନେ ପ୍ରଶ୍ନ କରିଛନ୍ତି। ଖବର ପାଇ ବିଜେପୁର ବିଡ଼ିଓ ପଦ୍ମନାଭ ସାମନ୍ତରାୟ ଘଟଣାସ୍ଥଳକୁ ପହଞ୍ଚିଥିଲେ। ଉତ୍ତେଜିତ ଗ୍ରାମବାସୀ ବିଡ଼ିଓଙ୍କୁ ଘେରି ନିମ୍ନମାନର କାମର କୈଫିୟତ ମାଗିଥିଲେ । ବିଡ଼ିଓ ବୁଝାଶୁଝା କରିବା ପରେ ପରିସ୍ଥିତି ଶାନ୍ତ ପଡ଼ିଥିଲା। ଏ ସମ୍ପର୍କରେ ବିଡ଼ିଓ ସାମନ୍ତରାୟଙ୍କୁ ପଚାରିବାରୁ ତାହା ମୋ ସ୍କୁଲ ଅଭିଯାନ ଅନୁଦାନର କାମ ନୁହେଁ। ପଞ୍ଚାୟତ ପକ୍ଷରୁ ୧୫ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ସେହି କାମ ଚାଲୁଥିଲା । କାମ ନିମ୍ନମାନର ହୋଇଥିବା ଦେଖିବାକୁ ମିଳିଛି ଏବଂ ଟଙ୍କାଟିଏ ମଧ୍ୟ ବିଲ୍ ଦିଆଯିବ ନାହିଁ ବୋଲି ସେ କହିଥିଲେ ।



ନିମ୍ନମାନର କାମ ଅଭିଯୋଗରେ ବୁଢ଼ାପାଲି ସ୍କୁଲ ସମ୍ମୁଖରେ ଉତ୍ତେଜନା।

# ଖୋଲା ଆକାଶ ତଳେ ପଡ଼ି ରହିଛନ୍ତି ଦିବ୍ୟାଙ୍ଗ



ଦିବ୍ୟାଙ୍ଗ ଯାଦୁ ତାଣ୍ଡି।

**ଖଡିଆଳ, ୧୭।୬ (ଡି.ଏନ.ଏ.)**

ନୂଆପଡା ଜିଲା ଖଡିଆଳ ବିଜ୍ଞାପିତ ଅଞ୍ଚଳ ପରିଷଦର ପୁରୁଣା ବସଷ୍ଟାଣ୍ଡଠାରେ ଏକ ଚାଳ ଛପର କୁଡିଆରେ ରୁହନ୍ତି ଦିବ୍ୟାଙ୍ଗ ଯାଦୁ ତାଣ୍ଡି ଓ ତାଙ୍କ ମାନସିକ ଆକ୍ରାନ୍ତ ସ୍ତ୍ରୀ। ଗତ ଲଗାଣ ବର୍ଷାରେ ଘର ଭାଙ୍ଗି ତାଙ୍କ ଉପରେ ପଡ଼ିବାରୁ ଚାପି ହୋଇ ଅଣ୍ଟା ଭାଙ୍ଗିଯାଇଛି। ଏବେ ସେ ଖୋଲା ଆକାଶ ତଳେ ପଡି ରହିଛନ୍ତି। ଏହା ଜାଣି ଖଡିଆଳର ସାମାଜିକ କର୍ମୀ ରାଜୁ ପୋଡ ଦିବ୍ୟାଙ୍ଗଙ୍କୁ ନେଇ ଖଡିଆଳ ଉପଖଣ୍ଡ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରି ତାଙ୍କର ଚିକିତ୍ସା କରାଇଥିଲେ। ତାଙ୍କ ମାନସିକ ରୋଗୀ ସ୍ତ୍ରୀଙ୍କ ପାଖରେ କେହି ଜଣେ ମଧ ନାହାନ୍ତି। ଗୁରୁବାର ସକାଳେ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ପ୍ରାଥମିକ ଚିକିତ୍ସା ପରେ ଆମ୍ବୁଲାନ୍ସରେ ଆଣି ତାଙ୍କ ଘର ସମ୍ମୁଖରେ ଛାଡ଼ି ଦେଇ ଯାଇଥିବା ଜଣାପଡିଛି। ପୁଣି ସାମାଜିକ କର୍ମୀ ଦିବ୍ୟାଙ୍ଗଙ୍କୁ ସହାୟତା କରି ରନ୍ଧାଖାଦ୍ୟ ପ୍ରଦାନ କରିଛନ୍ତି। ହେଲେ କେହି ଜଣେ ସହଯୋଗୀ ଥିଲେ ତାଙ୍କୁ ଉଚ୍ଚ ଚିକିତ୍ସା ପାଇଁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଯିବା ସୁବନ୍ଦୋବସ୍ତ କରିବୁ ବୋଲି ସ୍ୱାସ୍ଥ୍ୟ ଅଧିକାରୀ ଦୀନବନ୍ଧୁ ମହାନନ୍ଦ ପ୍ରକାଶ କରିଛନ୍ତି।

# ବିଶ୍ୱହିନ୍ଦୁ ପରିଷଦ ବଜରଙ୍ଗ ଦଳ ପକ୍ଷରୁ ଦାବିପତ୍ର



ଦାବିପତ୍ର ପ୍ରଦାନ କରାଯାଉଛି।

**ନୂଆପଡ଼ା ଅଫିସ,୧୭।୬**

ନୂଆପଡା ବିଶ୍ୱ ହିନ୍ଦୁ ପରିଷଦ ବଜରଙ୍ଗ ଦଳ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲାପାଳଙ୍କ ଜରିଆରେ ୬ଦଫା ସମ୍ବଳିତ ଏକ ଦାବିପତ୍ର ଅତିରିକ୍ତ ଜିଲାପାଳ ଅଗସ୍ତି ପ୍ରଧାନଙ୍କୁ ପ୍ରଦାନ କରିଛନ୍ତି। ଗୋ-ସମ୍ପଦର ସୁରକ୍ଷା ଓ ଗୋ-ସମ୍ପଦର ବିକାଶ ନିମନ୍ତେ ଅନେକ ପଦକ୍ଷେପ ନିଆଯାଇଛି। ଓଡିଶାରେ ଗୋ-ହତ୍ୟା ସମ୍ପୂର୍ଣ୍ଣ ବନ୍ଦ କରିବା ସଙ୍ଗେ ରାଷ୍ଟ୍ରୀୟ ଆଇନ ଅନୁଯାୟୀ ଗୋ- ହତ୍ୟାରେ ଲିପ୍ତ ଥିବା ବ୍ୟକ୍ତିଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ଦାବି କରିଥିଲେ। ସେହିପରି ସିନାପାଲିଠାରେ ବିଶ୍ୱହିନ୍ଦୁ ପରିଷଦ ବଜରଙ୍ଗ ଦଳ ପକ୍ଷରୁ ଗୋ-ସୁରକ୍ଷା ଏବଂ ଗୋ-ସମ୍ପଦର ବିକାଶ ପାଇଁ ୬ ଦଫା ସମ୍ବଳିତ ଏକ ଦାବି ପତ୍ର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ସିନାପାଲି ବିଡିଓ ସଦାଶିବ ନାଏକଙ୍କୁ ପ୍ରଦାନ କରିଛନ୍ତି। ବିଶ୍ୱହିନ୍ଦୁ ପରିଷଦର ଖଣ୍ଡ ସଭାପତି ସତ୍ୟବ୍ରତ ଗହିର, ବିଶ୍ୱହିନ୍ଦୁ ପରିଷଦ କଳାହାଣ୍ଡି ବିଭାଗ ସମ୍ପାଦକ ମୋହନ ଚରଣ ଦାସ, ଭାଜପା ଜିଲା ସଭାପତି ସୁବ୍ରତ କୁମାର ଠାକୁର, ରଶ୍ମିରଞ୍ଜନ ସା, ଲମ୍ବୋଦର ରଣା, କିଷନ ଲୋହାର, ସଚ୍ଚ ରବୀନ୍ଦ୍ର ଦାସ ପ୍ରମୁଖ ଉପସ୍ଥିତ ଥିଲେ।

# ୩ ମାସ ହେଲା ଅନ୍ଧାରରେ ପୋଡ଼ାଖୋଲ

**କୋକସରା, ୧୭।୬ (ଡି.ଏନ.ଏ.)**

ଆଜକୁ ୩ ମାସ ହେଲା ଅନ୍ଧାରରେ ରହିଛି କଳାହାଣ୍ଡି ଜିଲା କୋକସରା ବ୍ଲକ ମହିମା ପଞ୍ଚାୟତ ପୋଡାଖୋଲ ଗାଁ। ଗାଁକୁ ଚାରିପଟେ ସାହାଜଖୋଲ ଜଙ୍ଗଲ ଘେରିଥିବା ବେଳେ ୧୮ ଆଦିବାସୀ ପରିବାର ବାସ କରନ୍ତି। ସୌଭାଗ୍ୟ ଯୋଜନାରେ ଗାଁରେ ବିଦ୍ୟୁତ ସଂଯୋଗୀକରଣ ହୋଇଛି। ଗତ ୩ ମାସରୁ ବିଦ୍ୟୁତ୍ ଟ୍ରାନ୍ସଫର୍ମର ପୋଡି ଯାଇଥିବାରୁ ଅନ୍ଧାରରେ ରହିଛନ୍ତି ଗ୍ରାମବାସୀ। ଜଙ୍ଗଲ ନିକଟବର୍ତ୍ତି ଗାଁ ହୋଇଥିବାରୁ ସନ୍ଧ୍ୟା ହେଲେ ତାଟି କବାଟ ପଡେ। ବନ୍ୟଜନ୍ତୁଙ୍କ ଭୟ ରହିଛି, ଡିବିରି ଆଲୁଅରେ ରାତି କଟୁଛି। ଗ୍ରାମବାସୀ ଅନେକ ଥର ବିଦ୍ୟୁତ ବିଭାଗୀୟ ଅଧିକାରୀଙ୍କ ସମେତ ସ୍ଥାନୀୟ ବିଧାୟକଙ୍କୁ ଅଭିଯୋଗ କରିବା ସତ୍ତ୍ୱେ ମଧ କୌଣସି ପ୍ରତିକାର ହୋଇନାହିଁ ବୋଲି ପ୍ରଦୀପ ଧ.ମାଝି, କେଶବ ନେଗି, ଗଜାନନ ଠାକୁର, ଖଗେଶ୍ୱର ନେଗି, ବିଘ୍ନରାଜ ନେଗି, ଚିତ୍ରସେନ ଭେଣ୍ଡିଆ, ଗୋବିନ୍ଦ ଠାକୁର, ଜେମା ଠାକୁର, ନବିନା ନେଗି, କମଳା ପୁଝାରି ପ୍ରମୁଖ ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଏ ନେଇ କୋକସରା ବ୍ଲକ ବିଦ୍ୟୁତ୍ ବିଭାଗ କନିଷ୍ଠ ଯନ୍ତ୍ରୀ ସୁଶାନ୍ତ ଶେଖର ବାରିକଙ୍କୁ ପଚାରିବାରୁ ଅତିଶୀଘ୍ର ବିଦ୍ୟୁତ୍ ଟ୍ରାନ୍ସଫର୍ମର ଲଗାଇବା ପାଇଁ ପ୍ରତିଶ୍ରୁତି ଦେଇଛନ୍ତି। କେବେ ଏହି ଆଦିବାସୀ ଗାଁର ବିଦ୍ୟୁତ ସମସ୍ୟା ଦୂର ହେବ ତାହା ଦେଖିବାକୁ ବାକି ରହିଲା।



ପୋଡ଼ିଯାଇଥିବା ଟ୍ରାନ୍ସଫର୍ମର।

## ଟ୍ରାନ୍ସଫର୍ମର ପୋଡ଼ି ବର୍ଷେ ବିତିଲା, ବିଭାଗର ଦୃଷ୍ଟି ପଡୁନି

**କୋକସରା, ୧୭।୬ (ଡି.ଏନ.ଏ.)**

କଳାହାଣ୍ଡି ଜିଲା କୋକସରା ବ୍ଲକ ମହିମା ପଞ୍ଚାୟତ ମାଲପଡାରେ ଥିବା ବିଦ୍ୟୁତ୍ ଟ୍ରାନ୍ସଫର୍ମର ଦୀର୍ଘ ୧ ବର୍ଷରୁ ଉର୍ଦ୍ଧ୍ୱ ହେବ ପୋଡିଯାଇଥିବାରୁ ଗ୍ରାମବାସୀ ଅନ୍ଧାରରେ ରହିଛନ୍ତି। ଏ ନେଇ ବିଦ୍ୟୁତ ବିଭାଗୀୟ ନିର୍ବାହୀ ଯନ୍ତ୍ରୀଙ୍କୁ ବାରମ୍ବାର ଲିଖିତ ଭାବେ ଜଣାଇଥିଲେ ମଧ କେହି ଦୃଷ୍ଟି ଦେଉ ନ ଥିବାରୁ ଉପଭୋକ୍ତାଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ବିଦ୍ୟୁତ୍ ନ ଥିବାରୁ ରାତି ହେଲେ ପଡାବାସୀ ଅନେକ ଅସୁବିଧା ଭୋଗୁଥିବା ବେଳେ ଛାତ୍ରୀଛାତ୍ରମାନଙ୍କ ପାଠ ପଢାରେ ମଧ ଅସୁବିଧା ଦେଖାଦେଇଛି। ସମସ୍ତ ଉପଭୋକ୍ତା ନିୟମିତ ଭାବେ ବିଲ ମଧ ପୈଠ କରିଥିବା କହିଛନ୍ତି। ହେଲେ ଟ୍ରାନ୍ସଫର୍ମର ପୋଡିକୁ ଦୀର୍ଘ ୧ ବର୍ଷରୁ ଅଧିକ ବିତି ଯାଇଥିଲେ ସୁଦ୍ଧା ବିଭାଗ ପକ୍ଷରୁ ନୂତନ ଟ୍ରାନ୍ସଫର୍ମର ସଂଯୋଗ ଦିଗରେ ଦୃଷ୍ଟି ଦେଉ ନ ଥିବା ଗ୍ରାମର ବିକ୍ରମ ନାଏକ, ଭଗବାନ ଧ.ମାଝି, ପବିତ୍ର ଧ.ମାଝି, ଗଣେଷ ଦଣ୍ଡସେନା, ଧନୟ ମାଝି, ଲୋକେଶ୍ୱର ଧ.ମାଝି ପ୍ରମୁଖ ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଏ ନେଇ କୋକସରା ବ୍ଲକ ବିଦ୍ୟୁତ ବିଭାଗ କନିଷ୍ଠ ଯନ୍ତ୍ରୀ ସୁଶାନ୍ତ ଶେଖର ବାରିକଙ୍କ ମତାମତ ନେବାରୁ ଅଳ୍ପଦିନ ମଧ୍ୟରେ ବିଦ୍ୟୁତ ଟ୍ରାନ୍ସଫର୍ମର ଲଗାଇବା ପାଇଁ କହିଛନ୍ତି ।

## ମୀରା ଦେବୀଙ୍କ ପରଲୋକ

**ଭଦ୍ରକ ଅଫିସ,୧୭।୬**

'ବନ୍ଦେ ଉତ୍କଳ ଜନନୀ'ର ରଚୟିତା କାନ୍ତକବି ଲକ୍ଷ୍ମୀକାନ୍ତ ମହାପାତ୍ରଙ୍କ ପୁତ୍ରବଧୂ ତଥା ବିଶିଷ୍ଟ ସାହିତ୍ୟିକ, ସ୍ୱାଧୀନତା ସଂଗ୍ରାମୀ ସ୍ୱର୍ଗତ ଗୌରଚନ୍ଦ୍ର ମହାପାତ୍ରଙ୍କ ସ୍ତ୍ରୀ ମୀରା ଦେବୀ (୮୬)ଙ୍କର ମଙ୍ଗଳବାର ପରଲୋକ ଘଟିଛି। ବୁଧବାର ସ୍ଥାନୀୟ ନୂଆବଜାରସ୍ଥିତ କାନ୍ତକୁଟୀର ବାସଭବନ ପରିସରରେ ଶେଷକୃତ୍ୟ ସମ୍ପନ୍ନ ହୋଇଛି। ତାଙ୍କ ପୁଅ ନାମକଲ୍ୟାଣ ମହାପାତ୍ର ମୁଖାଗ୍ନି ଦେଇଥିଲେ। ବଡ଼ପୁଅ ତଥା ଉତ୍କଳ ପ୍ରସଙ୍ଗର ପୂର୍ବତନ ମୁଖ୍ୟ ସମ୍ପାଦକ ଗୁରୁକଲ୍ୟାଣ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ ।

# ମନ୍ତ୍ରୀଙ୍କ ଦ୍ୱାରା ବିଭିନ୍ନ ପ୍ରକଳ୍ପ ଉଦ୍‌ଘାଟିତ



ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।

**ଗୋଲାମୁଣ୍ଡା, ୧୭।୬ (ଡି.ଏନ.ଏ.)**

କଳାହାଣ୍ଡି ଜିଲା ଗୋଲାମୁଣ୍ଡା ତହସିଲ ଅଧୀନ ମାନଝରୀଠାରେ ଗୁରୁବାର ଶକ୍ତିମନ୍ତ୍ରୀ କ୍ୟାପଟେନ୍ ଦିବ୍ୟ ଶଙ୍କର ମିଶ୍ର ନୂତନ ରାଜସ୍ୱ ନିରୀକ୍ଷକ କାର୍ଯ୍ୟାଳୟ ଉଦ୍‌ଘାଟନ କରିଛନ୍ତି। ବୃନ୍ଦାବାହାଲଠାରେ ମଧ ରାଜସ୍ୱ ନିରୀକ୍ଷକ କାର୍ଯ୍ୟାଳୟ ଓ ଏକ ଅମୃତଧାରା ସହିତ ୩୫ ଲକ୍ଷ ଟଙ୍କାରେ ନିର୍ମାଣ ହେବାକୁ ଯାଉଥିବା କଲ୍ୟାଣ ମଣ୍ଡପ ଉଦ୍‌ଘାଟନ କରିଛନ୍ତି। ଉଦ୍‌ଘାଟନ କାର୍ଯ୍ୟକ୍ରମରେ ତହସିଲଦାର ସର୍ବେଶ୍ୱର ଜାଲ, ବିଡିଓ ସ୍ମିପ୍ତାରାଣୀ ପ୍ରଧାନ, ରାଜସ୍ୱ ନିରୀକ୍ଷକ ହିମାଂଶୁ ପଣ୍ଡା, ବ୍ଲକ ଅଧକ୍ଷ ତୁଲେଶ୍ୱର ନାଏକ, ବ୍ଲକ ଉପାଧକ୍ଷ ମମତା ରାଉତ, ବୃନ୍ଦାବାହାଲ, ଉଦେଶୃଙ୍ଗ ଓ ଲେତେର ସରପଞ୍ଚ, ଥାନା ଅଧିକାରୀ, ବିଜେଡି ଜିଲା ସମ୍ପାଦକ ଦିନେଶ କୁମାର ରାଉତ, ମାନଝରୀ ସରପଞ୍ଚ ଗିରିଧାରୀ ତେଜୀ ପ୍ରମୁଖ ଯୋଗଦାନ କରିଥିଲେ।

# ଗଣଧାରଣା ସ୍ଥଗିତ, ଆଗକୁ ତାଲା ବନ୍ଦ ଆନ୍ଦୋଳନ

**ପାଇକମାଲ,୧୭।୬(ଡି.ଏନ.ଏ)**

ଆଞ୍ଚଳିକ କୃଷକ ମହାସଂଘ ତରଫରୁ ବିଭିନ୍ନ ଦାବି ନେଇ ମାଣ୍ଡୋସିଲ ମଣ୍ଡିରେ ୧୭ ଦିନ ହେଲା ଚାଲିଥିବା ଗଣଧାରଣାକୁ ସ୍ଥଗିତ ରଖାଯାଇଛି। ପ୍ରଶାସନର ନିରବତାକୁ ଦେଖି ଆଗାମୀ ଦିନରେ ଜାମସେଠ ସେବା ସମବାୟ ସମିତିରେ ତାଲା ବନ୍ଦ ଆନ୍ଦୋଳନ କରିବା ପାଇଁ ନିଷ୍ପତ୍ତି ନିଆଯାଇଛି। ଏ ନେଇ ମୁଖ୍ୟମନ୍ତ୍ରୀ, ବରଗଡ ଜିଲାପାଳ, ସିଏସ୍‌ଓ, ପଦ୍ମପୁର ଏଆରସିଏସ, ଉପଜିଲାପାଳ, ଏସିଏସଓ, ସମ୍ପାଦକ ଜାମସେଠ ସେବା ସମବାୟ ସମିତିଙ୍କୁ ଅବଗତ କରାଯାଇଛି। ୩୬୩ ଜଣ ଚାଷୀ ଟୋକନ ପୁନଃ ପାଇବା ଆଶାରେ ଧାରଣା ଦେଇଥିଲେ ମଧ କିଛି ସୁଫଳ ମିଳିନାହିଁ। ଫଳରେ ଚାଷୀମାନେ ତାଲା ବନ୍ଦ କରିବାକୁ ନିଷ୍ପତ୍ତି ନେଇଥିବା କହିଛନ୍ତି।

# ସାହାଯ୍ୟ ଅପେକ୍ଷାରେ ଅସହାୟ ପରିବାର

**ଲାଠୋର, ୧୭।୬(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ମାଲପଡା ପଞ୍ଚାୟତ ଅନ୍ତର୍ଗତ ଜଲପାଙ୍କେଲ ଗ୍ରାମର ଜ୍ୟୋତ୍ସ୍ନା ମେହେର(୩୫)। ଜ୍ୱରରେ ପୀଡିତ ହୋଇ ଖପ୍ରାଖୋଲ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସିତ ହେଉଥିବା ବେଳେ ଚଳିତବର୍ଷ ଏପ୍ରିଲ ୩୦ତାରିଖରେ ସ୍ୱାମୀ ରାମ ମେହେରଙ୍କ ମୃତ୍ୟୁ ହୋଇଯାଇଥିଲା। ଏହାପରେ ଦୁଇପୁଅ ନେତ୍ର(୧୪) ଏବଂ ବିନୋଦ(୧୨)ଙ୍କୁ ନେଇ ବଡକଷ୍ଟରେ ପରିବାର ଚଳାଉଛନ୍ତି ଜ୍ୟୋତ୍ସ୍ନା। ସମ୍ପତି ବାଡି କିଛି ନାହିଁ। ପଞ୍ଚାୟତରୁ ଖାଦ୍ୟ ସୁରକ୍ଷା ଯୋଜନାରେ ମିଳୁଥିବା ଚାଉଳ ହିଁ ଏକମାତ୍ର ଭରସା। ରାମ ଥିବାବେଳେ କପଡା ବୁଣି କିଛିଟା ରୋଜଗାର ହେଉଥିଲା। ହେଲେ ଏବେ ତାହା ବି ହେଉନାହିଁ। ଏହି ପରିସ୍ଥିତିରେ ପରିବାର ଚଳାଇବା ଚିନ୍ତାରେ ଘାରି ହେଉଛନ୍ତି ଜ୍ୟୋତ୍ସ୍ନା। ତାଙ୍କୁ ପରିବାର ମଙ୍ଗଳ ଯୋଜନାରେ ସାମିଲ କରି ଆର୍ଥିକ ସହାୟତା, ଆବାସ ଯୋଜନାରେ ଘର ଏବଂ ବିଧବା ଭତ୍ତା ଯୋଗାଇ ଦେବାକୁ ଦାବି ହେଉଛି। ଏ ନେଇ ମାଲପଡା ସରପଞ୍ଚ ଦାୟିତ୍ୱରେ ଥିବା ଗ୍ରାମ ପଞ୍ଚାୟତ ଅଧିକାରୀ ସୁଶାନ୍ତ ପାଣିଙ୍କୁ ପଚାରିବାରୁ ଜ୍ୟୋତ୍ସ୍ନାଙ୍କ ସମସ୍ୟା ସମ୍ପର୍କରେ ଅବଗତ ନାହିଁ। ଶୁକ୍ରବାର ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ ପଠାଇ ତଦନ୍ତ କରାଯିବ ବୋଲି କହିଥିଲେ।



ଦୁଇ ପିଲାଙ୍କ ସହ ଜ୍ୟୋତ୍ସ୍ନା ମେହେର।

# ନଳକୂପ ଖନନ ପାଇଁ ଦାବିପତ୍ର ପ୍ରଦାନ

**କୋକସରା, ୧୭।୬ (ଡି.ଏନ.ଏ.)**

କଳାହାଣ୍ଡି ଜିଲା କୋକସରା ବ୍ଲକ ଡାହାଗାଁ ପଞ୍ଚାୟତ ଝାରବନ୍ଧ ଚଞ୍ଚରାପଡାରେ ନଳକୂପ ଖନନ ପାଇଁ ପଡ଼ାବାସୀ ଗୁରୁବାର କୋକସରା ବିଡିଓଙ୍କୁ ଅଭିଯୋଗ କରିବାକୁ ଆସିଥିଲେ। ବିଡିଓ ଅନୁପସ୍ଥିତ ଥିବାରୁ ଗ୍ରାମ ଜଳ ଯୋଗାଣ କନିଷ୍ଠ ଯନ୍ତ୍ରୀ ଯଶୋବନ୍ତି ଭୋଇଙ୍କୁ ଶୀଘ୍ର ନଳକୂପ ଖନନ କରିବାକୁ ଦାବିପତ୍ର ପ୍ରଦାନ କରିଛନ୍ତି। ପଡାରେ ୨୫ ପରିବାର ରହୁଥିବା ବେଳେ ପାନୀୟ ଜଳ ପାଇଁ ଗାଁରୁ ୧ କି.ମି. ଦୂରକୁ ଯାଇ ପାନୀୟ ଜଳ ସଂଗ୍ରହ କରୁଛନ୍ତି। ପାନୀୟ ଜଳ ପାଇଁ ନଳକୂପ ଖନନ ପାଇଁ ଅନେକ ଥରେ ସରପଞ୍ଚଙ୍କୁ ଦାବି କରିବା ପରେ ବି କୌଣସି ସୁଫଳ ମିଳିନାହିଁ। ଶେଷରେ ଗୁରୁବାର ପଡ଼ାର କ୍ଷୀର ମାଝି, ଚନ୍ଦ୍ର ମାଝି, ସୁରେଖା ମାଝି, ଗୀତା ଧରୁଆ, ହୀରା ଧରୁଆଙ୍କ ସମେତ ଗ୍ରାମର ଦୁର୍ବଳ ମାଝି, ରାଜେନ୍ଦ୍ର ମାଝି, ଅଭିମନ୍ୟୁ ଧରୁଆ, ହିରଣ୍ୟ ମାଝି ପ୍ରମୁଖ ଗୁରବାର ଚଞ୍ଚରାପଡାର ମହିଳାମାନେ ପିଲାଛୁଆଙ୍କ ସହ ବ୍ଲକ ଅଫିସକୁ ବିଡିଓଙ୍କୁ ଅଭିଯୋଗ କରିବାକୁ ଆସିଥିଲେ। ବିଡିଓ ଅନୁପସ୍ଥିତ ଥିବାରୁ ଗ୍ରାମ ଜଳ ଯୋଗାଣ କନିଷ୍ଠ ଯନ୍ତ୍ରୀଙ୍କୁ ଅଭିଯୋଗପତ୍ର ଦେଇଛନ୍ତି ଓ ଶୀଘ୍ର ନଳକୂପ ଖନନ କରିବାକୁ ଦାବି କରିଛନ୍ତି। ଏ ନେଇ କନିଷ୍ଠ ଯନ୍ତ୍ରୀ ଡହାଗାଁ ସରପଞ୍ଚଙ୍କ ସହ ଆଲୋଚନା କରି ଆଗାମୀ କିଛିଦିନରେ ନଳକୂପ ଖୋଲିବା ନେଇ ପ୍ରତିଶ୍ରୁତି ଦେଇଥିବା ଜଣାପଡିଛି।



ଦାବିପତ୍ର ପ୍ରଦାନ ପାଇଁ ଚଞ୍ଚରାପଡାବାସୀ ବିଡିଓଙ୍କ କାର୍ଯ୍ୟାଳୟକୁ ଆସିଛନ୍ତି।